# ପ୍ରେରଣା

ମଇ, ୨୦୨୦ ସଂସ୍କରଣ




ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ବାଇଁ

# ପ୍ରେରଣା

## ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

■ ମଇ, ୨୦୨୦ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା
ଜହ୍ନିତଇଳା, ବାରଦା, ଢେଙ୍କାନାଳ
ଇମେଲ୍-editor@preranaodia.com,ଦୂରଭାଷ - 8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ଵାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ମଇ - ୨୦୨୦ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ, ଏହା ଈଶ୍ଵରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ମଇ - ୨୦୨୦ ସଂସ୍କରଣର ବିଜେତା କବୟିତ୍ରୀ ମଞ୍ଜୁଲତା ସିଂଙ୍କୁ ଅଭିନନ୍ଦନ । ତାଙ୍କ କଲମରୁ...

ସିଗାରେଟ ନିଜେ ଜଳେ ଜାଳିଦିଏ
ଅମୂଲ୍ୟ ଜୀବନ ଟିଏ...
ଫୁଲ ପରି କେତେ ସୁନ୍ଦର ଜୀବନ
ଅକାଳରେ ଝରିଯାଏ...
ନିଶା କବଳିତ ମଣିଷ ବୁଝେନା
ନିଶା ମଣିଷକୁ ଖାଏ ॥



ମଞ୍ଜୁଲତା ସିଂ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

“ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।”

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ ଓ ଶ୍ରୀ ହୃଦୟାନନ୍ଦ ପଧାନ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି, ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।

- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।

- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।

- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ଵାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।

- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ ।

- ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।


# ✍ ସମ୍ପାଦକୀୟ...



ଦେବୀ ପ୍ରସାଦ ସ୍ୱାଇଁ



ଆଜି ତମାଖୁ ସେବନ ଦ୍ୱାରା ଜାତ ହେଉଥିବା ବିଭିନ୍ନ ପ୍ରକାର କର୍କଟ ରୋଗ ଏବଂ ଅନେକ ଦୂରାରୋଗ୍ୟ ବ୍ୟାଧି ସମଗ୍ର ବିଶ୍ୱରେ ଉତ୍କଟ ମହାମାରୀ ରୂପେ ଉଭା ହୋଇଛି । ନାବାଳକ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ସମସ୍ତେ ଏହାର ନିଶା ଜାଲରେ କବଳିତ । ଏହାକୁ ବହୁମାତ୍ରାରେ ସେବନ ଦ୍ୱାରା ସେମାନଙ୍କର ଆର୍ଥିକ ପରିସ୍ଥିତି ମଧ୍ୟ ଦୁର୍ବଳ ହୋଇଥାଏ । ବିଶ୍ୱରେ ପ୍ରତ୍ୟେକ ବର୍ଷ ୭ ମିଲିୟନ ଲୋକ ତମାଖୁ ସେବନ ଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁର ଶିକାର ହୋଇଥାଆନ୍ତି ଏବଂ ଆମ ଦେଶରେ ବର୍ଷକୁ ପାଖାପାଖି ୧୦ ଲକ୍ଷ ଲୋକ ଏହାର ଶିକାର ହୋଇଥାନ୍ତି ଯାହାକି ଅନ୍ୟାନ ଦୂରାରୋଗ୍ୟ ବ୍ୟାଧି ଯେପରିକି ଏଡସ୍, ଟି.ବି ଏବଂ ମ୍ୟାଲେରିଆର ମିଳିତ ମୃତ୍ୟୁ ଠାରୁ ଯଥେଷ୍ଟ




ଅଧିକ । ଏକ ସର୍ଭେରୁ ଜଣାଯାଇଛି ଯେ, କର୍କଟ ରୋଗରେ ମୃତ୍ୟୁବରଣ କରୁଥିବା ପ୍ରାୟ ଶତକଡା ୪୦ ଭାଗ ରୋଗୀ ତମାଖୁ ସେବନ କରିଥାଆନ୍ତି ଏବଂ ଶତକଡା ୧୫ ଭାଗ ଲୋକଙ୍କ ମୁଖଗହ୍ୱର କର୍କଟ ରୋଗ ତମାଖୁ ସେବନ ଜନିତ ଅଟେ । ତେଣୁ ତମାଖୁ ସେବନର ନିୟନ୍ତ୍ରଣ ଓ ନିରାକରଣ ଆଜି ସମଗ୍ର ମାନବ ସମାଜ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି ।

ତମାଖୁ, ଖଇନି, ଗୁଟକା ଏବଂ ସିଗାରେଟ୍ ଆଦି ବ୍ୟବହାର ଦ୍ୱାରା ସେଥିରେ ଥିବା ନିକୋଟିନ୍ ଏବଂ ଅନ୍ୟାନ ରାସାୟନିକ ପଦାର୍ଥ ମନୁଷ୍ୟ ଶରୀରରେ କ୍ୟାନ୍ସର, ହୃଦରୋଗ ଓ ଯକ୍ଷ୍ମାରୋଗ ଆଦି ଅନେକ ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ପ୍ରତ୍ୟକ୍ଷ ଧୂମ୍ରପାନ ନିଜ ପାଇ କ୍ଷତିକାରକ ହେବ ସଙ୍ଗେ ସଙ୍ଗେ ନିଜ ପରିବାରର ମଧ୍ୟ କ୍ଷତି କରିଥାଏ । ତତ୍ ସହିତ ଏହା ଦେଶର ଅର୍ଥନୈତିକ ବିକାଶ ପଥରେ ଅନ୍ତରାୟ ସୃଷ୍ଟି କରିଥାଏ । ତମାଖୁ ସେବନର ଏହି ସବୁ ଭୟାବହତାକୁ ଦୃଷ୍ଟିରେ ରଖି ଆମ ଦେଶରେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ୨୦୧୦ ମସିହାରୁ ପ୍ରଚଳନ କରାହେଉଛି । ଏହାର ବ୍ୟବହାରର ବହୁଳତାକୁ ଦୃଷ୍ଟିରେ ରଖି ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ

ଜାତୀୟ ଅଧିନିୟମ ଜାରି କରାଯାଇଛି । ଏହି ନିୟମ ଅନ୍ତର୍ଗତ ଧାରା – ୪ ଅନୁଯାୟୀ ସର୍ବସାଧାରଣ ସ୍ଥାନ ମାନଙ୍କରେ ଧୂମ୍ରପାନକୁ ନିଷେଧ କରାଯାଇଛି । ଏହି ନିୟମ ଉଲଘଂନକାରୀଙ୍କୁ ଜୋରିମାନା ବ୍ୟବସ୍ଥା କରାଯାଇଛି । ତଥାପି ତମାଖୁର ବ୍ୟବହାରକୁ ରୋକିବାରେ ଆଶାତୀତ ସଫଳତା ମିଳି ପାରିନାହିଁ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୮୮ ମସିହା ଠାରୁ ପ୍ରତ୍ୟେକ ବର୍ଷ ମଇ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳିତ ହେଉଅଛି । ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତମାଖୁ ସେବନର କ୍ଷତିକାରକ ଗୁଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା । ଏହା କେତେକାଂଶରେ ସଫଳ ହୋଇଥିଲେ ମଧ୍ୟ ଦିନକୁ ଦିନ ତମାଖୁ ସେବନ ପ୍ରତି ଯୁବପିଢିଙ୍କ ବଢୁଥିବା ଆକୃଷ୍ଟତା ଚିନ୍ତାର ବିଷୟ ଅଟେ । ତେବେ ଆସନ୍ତୁ ତମାଖୁ ସେବନ ସଂପୂର୍ଣ୍ଣ ରୂପେ ଛାଡିବା ତଥା ଜୀବନକାଳ ଭିତରେ ଏହାର ସେବନ ନ କରିବା ପାଇଁ ଦୃଢ ଇଚ୍ଛା ଶକ୍ତି ସହିତ ସଙ୍କଳ୍ପବଦ୍ଧ ହେବା ଏବଂ ଏକ ତମାଖୁ ରହିତ ସମାଜ ଗଠନରେ ନିଜର ଯୋଗଦାନ ଦେବା ।

*****

ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।




ଧ୍ରୁବତାରା ପବ୍ଲିକେଶନସ୍

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | ଅନ୍ତରଙ୍ଗ ଆଳାପ | | ୧୯ |
| | **ପଦ୍ୟ ବିଭାଗ** | | |
| ୧. | ସପ୍ତଶଯ୍ୟା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୬ |
| ୨. | ମୋ ଗାଆଁ ଗୋଧୂଳି ଝୁରେ | ମଞ୍ଜୁଲତା ସିଂ | ୨୮ |
| ୩. | ମଣିଷ ଭାଇ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୩୦ |
| ୪. | କରୋନା  ମହାମାରୀ | ସରିତା ନନ୍ଦ | ୩୨ |
| ୫. | ନିଦାଘବାଘ | ଶରତ ଚନ୍ଦ୍ର ଜାଲି | ୩୬ |
| ୬. | ନାରୀ | ପ୍ରଜ୍ଞା ପାରମିତା ମହାନ୍ତି | ୩୯ |
| ୭. | ମୃତ୍ୟୁ | ଜ୍ୟୋତି ପ୍ରକାଶ ସାହୁ | ୪୧ |
| ୮. | ଅନ୍ଧ | ପୁଷ୍ପାଞ୍ଜଳି ପଣ୍ଡା | ୪୩ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ପ୍ରଭୁ ହେ ତୁମେ ଭରସା | ତପସ୍ୱିନୀ ଦାଶ ଷଡଙ୍ଗୀ | ୪୫ |
| ୧୦. | ମୋ' ମାଆ | ଦମୟନ୍ତୀ କିଶାନ | ୪୭ |
| ୧୧. | ନାରୀ ମହିମା | ଶୁଭଲକ୍ଷ୍ମୀ ଦାସ | ୫୦ |
| ୧୨. | ଦାଦନକୁ ସମ୍ମାନ | ଦିନବନ୍ଧୁ ବେଜ | ୫୨ |
| ୧୩. | ପ୍ରେମ ଏକ ପ୍ରତିଜ୍ଞା | ନୂତନ କୁମାର ବେହେରା | ୫୬ |
| ୧୪. | ପବିତ୍ର ପାପ | ଇପ୍ସିତା ରାୟ | ୫୯ |
| ୧୫. | ସଫଳତା | ବୈବସ୍ୱତ ନାଏକ | ୬୧ |
| ୧୬. | ପାରିବି କି ଫେରି ? | ଅଶ୍ୱିନି କୁମାର | ୬୩ |
| ୧୭. | ସ୍ୱପ୍ନର ତାଜମହଲରେ ସତର ମମତାଜ | ହୃଦୟାନନ୍ଦ ପଧାନ | ୬୭ |
| ୧୮. | ପୁନେଇଁ ଡାକରା | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୬୯ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଗଦ୍ୟ ବିଭାଗ** | | |
| ୧୯. | କିଏ ସାବିତ୍ରୀ ? | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୭୫ |
| ୨୦. | ସିଗାରେଟ - ମୃତ୍ୟୁର ଅନ୍ୟନାମ | ରୋଜା ପଣ୍ଡା | ୭୯ |
| ୨୧. | ଦେଇ ଥିଲେ ପାଇ | ପବିତ୍ର ବେହେରା | ୮୪ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବୟିତ୍ରୀ ...

**ନାମ :** ଶୁଭଲକ୍ଷ୍ମୀ ଦାସ

**ଜନ୍ମ ତାରିଖ :** ୧୫ ଅପ୍ରେଲ

**ବର୍ତ୍ତମାନ ଠିକଣା :** ଏଫ୍ / ୯୯୮, ସେକ୍ଟର - ୦୭, ସିଡିଏ, କଟକ

**ଶିକ୍ଷା :** ବି.ଟେକ୍ ଗ୍ରାଜୁଏଟ୍ (କମ୍ପ୍ୟୁଟର ବିଜ୍ଞାନ)



**୧. ପ୍ରିୟ ପୁସ୍ତକ :** ବ୍ୟାସକବି ଫକୀରମୋହନ ସେନାପତିଙ୍କ "ଛ' ମାଣ ଆଠ ଗୁଣ୍ଠ", ପିଲାଦିନର ମାସିକ ପତ୍ରିକା "ଜହ୍ନମାମୁଁ", ଅଥର୍ ଶିବ ଖେରାଙ୍କର ଇଂରାଜୀ ପୁସ୍ତକ "ୟୁ କ୍ୟାନ୍ ଉଇନ୍", କବିବର ରାଧାନାଥ ରାୟଙ୍କ ରଚିତ ଖଣ୍ଡକାବ୍ୟ "ଚିଲିକା" ।

**୨. ପ୍ରିୟ ଲେଖକ/ଲେଖିକା :** ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ।

**୩. ଆପଣଙ୍କ ପ୍ରେରଣାର ଉତ୍ସ :** ମୋର ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ଥିଲେ ପ୍ରଥମ ପ୍ରେରଣାଦାତା । ତାଙ୍କ ପରେ ମୋ ସ୍ୱାମୀ ହେଉଛନ୍ତି ପ୍ରେରଣା ମୋର ସାହିତ୍ୟିକା ଜୀବନର ।

**୪. ରଚିତ ପୁସ୍ତକ :** ବ୍ୟକ୍ତିଗତ ଓଡ଼ିଆ ପୁସ୍ତକ ପ୍ରକାଶନ ଅପେକ୍ଷାରେ । ଏହାଛଡ଼ା ଏକାଧିକ ଇଂରାଜୀ ଓ ହିନ୍ଦୀ ଆନ୍ଥୋଲୋଜି (Anthology)ରେ ସହ-ଲେଖିକା (co-author) ଭାବରେ ଯୋଗଦାନ କରିଛି । କ୍ରମାଗତ ଚାରି ଥର ଅନଲାଇନ୍ ପ୍ରକାଶନ ସଂସ୍ଥା "ଷ୍ଟୋରିମିରର" ଦ୍ୱାରା ଆୟୋଜିତ "ସାପ୍ତାହିକ ଲେଖକ/ ଲେଖିକା" (Author of the week) ଭାବରେ ମନୋନୀତ ।

**୫. ଉଲ୍ଲେଖନୀୟ ସଫଳତା :** ୨୦୧୯ ମସିହାରେ ଆଇଆଇଟି (IIT)ର ସାଂସ୍କୃତିକ ଅନୁଷ୍ଠାନ "କାବ୍ୟାଞ୍ଜଳୀ" ତରଫରୁ ବିଶେଷ ଅତିଥି କବୟିତ୍ରୀ ଭାବରେ ଯୋଗଦାନ ଓ ସମ୍ବର୍ଦ୍ଧିତ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକାଧିକ କବିତା ପଠନ ସମାରୋହ ବା Open Mic Event ରେ ଓଡ଼ିଆ ଆବୃତ୍ତି କରିବାର ସୁଯୋଗ ଲାଭ କରିବା ମୋର କବୟିତ୍ରୀ ଜୀବନକୁ ଆଗକୁ ବଢ଼ିବାରେ ଉତ୍ସାହିତ କରି ଚାଲିଛି ।

**୬. ପୁରସ୍କାର/ସମ୍ମାନ :** କଲିକତା ଲିଟେରୋମା ସାହିତ୍ୟ ଏକାଡେମୀ

ପକ୍ଷରୁ "ଲିଟେରୋମା ନାରୀ ସମ୍ମାନ - ୨୦୨୦" ବିଜେତା, କଟକର କିପ୍ ସ୍ମାଇଲିଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ "ପ୍ରତିଭା ସମ୍ମାନ ୨୦୨୦", ଅନଲାଇନ୍ ପ୍ରକାଶନ ସଂସ୍ଥା "ଦି ସ୍ପିରିଟ ମାନିଆ" ତରଫରୁ ସାହିତ୍ୟ କୃତି ପାଇଁ "ପ୍ରଭାବଶାଳୀ ନାରୀ ସମ୍ମାନ ୨୦୨୦" ବିଜେତା ।

**୭. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ଓ ସାହିତ୍ୟ ସର୍ଜନା ବିଷୟରେ ସମ୍ୟକ ବିବରଣୀ :** ମୋର ଲେଖିକା ହେବାରେ ମୋର ବିଦ୍ୟାଳୟର ସାହିତ୍ୟ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ତଥା ତାଙ୍କ ଦ୍ୱାରା ମୂଳଦୁଆ ପଡ଼ିଥିଲା ବୋଲି କହିବି । ବିଦ୍ୟାଳୟର ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ କବିତା ପ୍ରତିଯୋଗିତାରେ ପ୍ରଥମ ଥର ଭାଗ ନେଇ ପ୍ରଥମ ପୁରସ୍କାର ପାଇଥିଲି । ଆଉ ସାରଙ୍କ ହାତରୁ ପୁରସ୍କାର ନେଲା ବେଳେ ସାର୍ ମୋତେ ଦୁଇ ପଦ କହିଥିଲେ, "ଶୁଭ ! ଓଡ଼ିଆ ଭାଷାରେ ଲେଖନୀ ତୋର କାଳଜୟୀ ହେଉ, ଦିନେ ଏଇ ଲେଖନୀ ପାଇଁ ତୁ ପ୍ରତିଷ୍ଠିତ ହେବୁ । ହୁଏତ ମୁଁ ନ ଥାଇ ପାରେ ଦେଖିବାକୁ, କିନ୍ତୁ କଥା ଦେ.... କେବେ ଲେଖିବା ବନ୍ଦ କରିବୁନି ।" ସେଦିନ ସତେ ଯେମିତି ମୋ ଭଳି ଛାର ପିମ୍ପୁଡ଼ିକୁ ସାହିତ୍ୟର ଗଭୀର ସମୁଦ୍ରରେ ଖଣ୍ଡେ ପତ୍ର-ନଉକା ମିଳିଗଲା ଓ ସାହିତ୍ୟମନସ୍କ ହେବାର ନିଶା ଧରିଥିଲା । କିନ୍ତୁ ପରେ ଅନେକ ବ୍ୟକ୍ତିଗତ କାରଣରୁ ଲେଖିବା ବନ୍ଦ ପ୍ରାୟ ହୋଇଗଲା ।

ଦୀର୍ଘ ୫ ବର୍ଷ ପରେ ମୋର ସ୍ୱାମୀଙ୍କର ପ୍ରେରଣା ପୁଣି ଜୀବନ ଦେଇଥିଲା ମୋର ଲେଖନୀକୁ । ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ମୋର ବିଦ୍ୟାଳୟରେ ପୁରୁଣା ଛାତ୍ର ସାହିତ୍ୟ ସଂସଦର ସଭାପତି ଥିଲେ । ସଂସଦର ବାର୍ଷିକ ପତ୍ରିକା "ଇନ୍ଦ୍ରଧନୁ ୨୦୧୨" ପାଇଁ ଲେଖାଟିଏ ଦେବାକୁ ଅନୁରୋଧ କରି ସଦସ୍ୟତା ପ୍ରଦାନ କରିଥିଲେ । ସଦସ୍ୟ ହେବା ସହ ପତ୍ରିକାର ସମ୍ପାଦନା ମଧ୍ୟ କରୁଥିଲି । ବର୍ତ୍ତମାନ "ୟୋରକୋଟ୍ ଅନଲାଇନ୍ ଆପ୍" ରେ ଲେଖିବା ସହିତ କିଛି କିଛି ଇ-ପତ୍ରିକାରେ ମୋର ରଚିତ କବିତା ତଥା ଗଳ୍ପ ପ୍ରକାଶିତ ହେଉଛି । ମାସିକ ଇ-ପତ୍ରିକା "ମାତୃଭୂମି - ଆସ ଫେରିଯିବା" ଓ "ପ୍ରେରଣା" ଇ-ପତ୍ରିକା ମୋତେ ଏକ ନୂଆ ପରିଚୟ ଦେଇଛି ।

**୮. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :** ମାତୃଭାଷା ଓଡ଼ିଆ ଏବେ ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ସଂଘର୍ଷରତ । ଅବଶ୍ୟ ଯୁବପିଢ଼ି କେତେକାଂଶରେ ସଫଳତା ହାସଲ କରିଛନ୍ତି, ତଥାପି ଏହା ଯଥେଷ୍ଟ ନୁହେଁ । କାରଣ, ଦିନେ ଏଇ ଓଡ଼ିଆ ଜାତିର ଟେକ ରଖିବା ପାଇଁ ମଧୁବାବୁଙ୍କ ଅବଦାନ ଆମକୁ ଚିରକାଳ ଋଣୀକରି ରଖିବ । ଆଧୁନିକୀକରଣ ଆଳରେ ଅନେକ ପୁରାତନ ସଂସ୍କୃତିର ଅବକ୍ଷୟ ଅବସ୍ଥା,

ତତ୍ ସହିତ ସାହିତ୍ୟ ରଚନାର ମୌଳିକ ଆଧାର ମଧ୍ୟ ବିପଥଗାମୀ ହୋଇ ଯାଉଛି । ସାହିତ୍ୟ ନାମରେ ଅଶ୍ଳୀଳତା ଗ୍ରହଣୀୟ ନୁହେଁ ବୋଲି ମୋର ମତ । ଅନେକ ଉଚ୍ଚକୋଟୀର ଲେଖକ ଲେଖିକା ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ନିଜର ପ୍ରତିଭାର ବିକାଶ ପାଇଁ ସୁଯୋଗ ପାଉନାହାନ୍ତି । ସମ୍ମାନ ଓ ପୁରସ୍କାର ଆଳରେ ତଥା ଲୋଭରେ ଅଣସାହିତ୍ୟିକ ମାନେ ଲେଖା ସବୁକୁ ଉତ୍ତାରି ଆଣିବା, ସତରେ ଅତ୍ୟନ୍ତ ଦୁଃଖଦାୟକ । ଏହି ସବୁ ଅଶୋଭନୀୟ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ପ୍ରକୃତ ସାହିତ୍ୟିକମାନେ ବଣମଲ୍ଲୀ ସାଜି ନିଜର ଆତ୍ମସମ୍ମାନ ରକ୍ଷାକରି ଆଢୁଆଳରେ ରହି ଯିବାକୁ ଶ୍ରେୟ ମଣୁଛନ୍ତି । ଜଣଙ୍କର ଭାବନାର ଅଭିବ୍ୟକ୍ତିକୁ ତାଙ୍କର ବିନା ଅନୁମତିରେ ପ୍ରକାଶ କରିବା ଆଜିକାଲି ସମାଜରେ ଗୋଟିଏ ଧାରା ହୋଇ ଗଲାଣି । ହଁ, ଏମିତି କରିବା ଦ୍ୱାରା ଲୋକମାନେ ସିନା ସାହିତ୍ୟ ପ୍ରସାର କରୁଛନ୍ତି.... ବାରମ୍ବାର ଏମିତି ହେବା ଫଳରେ ପ୍ରଚ୍ଛଦପଟରେ ଥିବା ଲେଖକ ଲେଖିକା ନିଜର ସାହିତ୍ୟ କୃତିକୁ ସର୍ବସାଧାରଣ ପଠନ ପାଇଁ ଆଉ ମନ ବଳାଉ ନାହାନ୍ତି । ଲେଖକ-ଲେଖିକା/ କବି-କବୟିତ୍ରୀ ମାନଙ୍କୁ ସମାଜର ସଂସ୍କାରକ କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ସମାଜଧର୍ମୀ ସାହିତ୍ୟ ରଚନା ଓ ସାହିତ୍ୟ ସର୍ଜନା କରି ନିଜ ସଂସ୍କୃତି ବିଷୟରେ ଆଜିକାଲିର

ପିଢ଼ିକୁ ସାକ୍ଷାତ କରାଇବା ପରି ରଚନାବଳୀ ବହୁତ କମ୍ ଦେଖିବାକୁ ମିଳୁଛି । ପରିଶେଷରେ ଜଣେ ସୁସାହିତ୍ୟିକ କେବେ ବି ଚାଟୁକାରିତାର ବଶବର୍ତ୍ତୀ ନ ହେବା ସହ, ବରଂ ଆଲୋଚନା ମାଧ୍ୟମରେ ଓ ସାହିତ୍ୟର ବିକାଶ ପଥରେ ଆଗେଇ ଯିବା ଉଚିତ୍ । ଏଠାରେ ଲିଖିତ ମତାମତ ମୋର ସମ୍ପୂର୍ଣ୍ଣ ନିଜସ୍ୱ । କୌଣସି ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରିବାର ମନୋବୃତ୍ତିରେ ଲେଖା ଯାଇ ନାହିଁ ।

**୯. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ସମୟ ଅଭାବ ସତ୍ତ୍ୱେ ସାହିତ୍ୟମନସ୍କ ହେବାର ସୁଯୋଗ ଦେଉଥିବାରୁ ଓ ମୋର ଅତି ଆଦରର ଲେଖନୀକୁ ବାରମ୍ବାର ପୁନର୍ଜୀବିତ କରିବା ପାଇଁ ପ୍ରେରଣା ଦେଇ ଆସୁଥିବାରୁ, ମୁଁ ସମ୍ପାଦକଙ୍କ ନିକଟରେ କୃତଜ୍ଞ । ଶେଷରେ ଏତିକି କହିବି, ଓଡ଼ିଆ ସାହିତ୍ୟ ଜଗତରେ ପାଦ ଥାପୁଥିବା ନବପ୍ରତିଭାମାନଙ୍କୁ ଏହି "ପ୍ରେରଣା" ଇ-ପତ୍ରିକା ଏକ ନୂଆ ପରିଚୟ ଦେବ ଓ ସାହିତ୍ୟାନୁରାଗୀ କରିବ ନିଶ୍ଚୟ ।

*****



ଧ୍ରୁବତାରା ପବ୍ଲିକେଶନର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"କୁ
ଅର୍ଡର କରିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ ।

# ପଦ୍ୟ ବିଭାଗ

**ଅତୀତ :** *ସମୟ ଯାହାର ବ୍ୟାପ୍ତି*
*କେବଳ ବିସ୍ତୃତିରୁ ବିସ୍ମୃତି*
*ପରିଣାମ- ଲାଭାଂଶ ବା କ୍ଷତି*
*ବର୍ତ୍ତମାନରେ ସହମତି ।*

**ଭବିଷ୍ୟତ :** *ସମୟ ଯାହାର ପଥ*
*ପ୍ରାୟତଃ କପୋଳକଳ୍ପିତ*
*ଅର୍ଦ୍ଧ ମିଥ୍ୟା ଅର୍ଦ୍ଧ ସତ୍ୟ*
*ବର୍ତ୍ତମାନର ଉଦବୃତ୍ତ ।*

**ବର୍ତ୍ତମାନ :** *ସମୟ ଯାହାର ମାନ,*
*ଏବେ ଯାଏଁ ମୂଲ୍ୟାୟନ*
*ଏକ ଅବସ୍ଥାର ସନ୍ଧିକ୍ଷଣ,*
*ଅତୀତର ସମୀକ୍ଷାୟନ ଓ*
*ଭବିଷ୍ୟତର ଆବାହନ ।*

**- ପ୍ରଜ୍ଞା ପାରମିତା ମହାନ୍ତି**

# ସପ୍ତଶଯ୍ୟା



ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ହେ ଗିରି ପୁଙ୍ଗବ ! ଆରୋହଣେ ତୋର
ସ୍ୱର୍ଗୀୟତା ହେଲା ଅନୁଭବ ମୋର ।
କ୍ରମେ ଯେତେ ଦୂର ହେଲି ଅଗ୍ରସର
ଭାଗୀ ହେଲି ତେତେ ସ୍ୱର୍ଗୀୟ ସୁଖର ।।

ଆତ୍ମ-ଧ୍ୟାନରତ ଶାନ୍ତ ଯୋଗୀଜନ
ହେଉଥାନ୍ତି ଯଥା ସୁପ୍ରସନ୍ନ ମନ ।
ଆତ୍ମା-ଅନୁଭବେ ପାସୋରିଣ କାୟା
କ୍ରମେ କ୍ରମେ ଉପେକ୍ଷନ୍ତି ଭବ-ମାୟା ।।

ସେହିପ୍ରାୟେ ଗିରି ଆରୋହୀ ତୋ ତନୁ
ବିଷୟା-ଜଞ୍ଜାଳ ପାସୋରିଲି ମନୁ ।

କ୍ରମେ କ୍ରମେ କରି ଦିବ୍ୟ ଅନୁଭବ
ପାସୋରିଲି ମନୁ ଭବ-ପରାଭବ ॥

ସୁଦୂର ଶିଖରୀ-ବନ ବିହାରିଣୀ-
ମହାନଦୀ ବକ୍ର-ଭୁଜଙ୍ଗ-ଗାମିନୀ ।
ସାଗର ଦର୍ଶନ ମନୁ ପାସୋରାଇ
ରହିଯାଏ କ୍ଷଣେ ତୋ ଶୋଭାକୁ ଚାହିଁ ॥

ଭବେ ସୁପ୍ରସନ୍ନା ଗାୟତ୍ରୀ ରୂପିଣୀ
ସପ୍ତର୍ଷି-ଦର୍ପଣ ତପ୍ତ ବିନାଶିନୀ ।
ଉତ୍ତରାଶେ ତୋର ମଣ୍ଡଇ ଧରଣୀ
ବକ୍ରଗତି ଚକ୍ରବାକିନୀ-ବ୍ରାହ୍ମଣୀ ॥

*****

ଜହ୍ନିତଇଳା, ଢେଙ୍କାନାଳ

# ମୋ ଗାଆଁ ଗୋଧୂଳି ଝୁରେ



ମଞ୍ଜୁଲତା ସିଂ

ଜହ୍ନ ଜୋଛନାର ରୂପା ଚାନ୍ଦିନୀରେ
ଗାଧାଏ ଯେବେ ମୋ ଗାଆଁ
ତୁମ ଗାଆଁ କଇଁ ଶିଉଳି ତୁଠରେ
ଲେଖୁଥାଏ କା'ର ନାଆଁ...

ତୁମ ଗାଆଁ ଭଅଁର ମୋ ଗାଆଁକୁ ଆସେ..
ଫୁଲକୁ ଭେଟିବା ପାଇଁ
ମୋ ଗାଆଁ ପବନ ବହେ ନିତି ନିତି
ତୁମ ଗାଆଁ ଫୁଲକୁ ଛୁଇଁ...

ତୁମ ଗାଆଁ ଆକାଶ କଳାବଉଦ ମୋ
ଗାଆଁରେ ବରଷି ଯାଏ

ମୋ ଗାଆଁ ଚଇତି ପବନ ତୁମର
ପଣତ ଉଡାଇ ନିଏ...

ତୁମ ଗାଆଁ କଅଁଳ ଖରା ଯେବେ ଆସେ
ନିଦୁଆ ଆଖିକୁ ମେଲି
ମୋ ଗାଆଁ ଗାଧାଏ ସେ ଖରାରେ ପୁଣି...
ସୁନା ରଙ୍ଗ ଦେହେ ବୋଳି...

ଅଧା ଦେଖା ତୁମ ସପନକୁ ନେଇ
ରାତି ଯେବେ ଯାଏ ପାହି
ସେ ସପନ ଝରେ ପାପୁଲିରେ ମୋର
ଆଖିର ଏରୁଣ୍ଡି ଡେଇଁ....

ବକୁଳିତ ତୁମ ଚୁତ ତରୁ ଡାଳେ
କୋଇଲି କୁହୁର ସୁରେ
ଅଜଣା ପୁଲକେ କାହା ପାଇଁ ନିତି
ମୋ ଗାଆଁ ଗୋଧୂଳି ଝୁରେ..

*****

ଭୁବନେଶ୍ୱର

# ମଣିଷ ଭାଇ



ସୌଭାଗ୍ୟ ରଞ୍ଜନ ମହାପାତ୍ର

ମଣିଷ ଭାଇ ହେ କର ପାଳନ
ସକାଳୁ ସକାଳୁ କରିବ ସ୍ନାନ,
ପ୍ରାଣାୟାମ ସହ ଜପକୁ ଧ୍ୟାନ,
ତା'ସହ କରିବା ପ୍ରାତଃ ବ୍ୟାୟାମ ।

ମଣିଷ ଭାଇ ହେ କର ପାଳନ
ମାତା ପିତାଙ୍କୁ କର ପ୍ରଣାମ,
ଶ୍ରୀ ଜଗନ୍ନାଥଙ୍କୁ କର ସ୍ମରଣ
ଗୁରୁଙ୍କର ସ୍ପର୍ଶ କର ଚରଣ ।

ମଣିଷ ଭାଇ ହେ କର ପାଳନ
ଜୀବନରେ ଦୂର କର ବ୍ୟସନ,

ସୁଖ ଶାନ୍ତି ରାଜ୍ୟେ ହେବ ସ୍ଥାପନ
ସେବା କର ଦୁଃଖୀ ଦରିଦ୍ର ଜନ ।

ମଣିଷ ଭାଇ ହେ କର ପାଳନ
ବ୍ୟଥିତ ନ କର କାହାର ମନ,
ଅଯଥାରେ ଖର୍ଚ୍ଚ ନ କର ଧନ
ସଞ୍ଚୟ କର ହେ ନୈତିକ ଜ୍ଞାନ ।

କେବେ ନ ହରାଅ ସ୍ୱଭିମାନ,
କର ପାଳନ ହେ କର ପାଳନ,
ମଣିଷ ଭାଇ ହେ କର ପାଳନ ॥

*****

ବୈଦିକ ମହାବିଦ୍ୟାଳୟ, ସମ୍ବଲପୁର

# କରୋନା ମହାମାରୀ



ସରିତା ନନ୍ଦ

ମହାତ୍ମା ଅଚ୍ୟୁତା ନନ୍ଦଙ୍କର ବାଣୀ
ସତରେ ଆଜି ଯେ ଘଟିଲା
କେବେ ନ ଘଟିବା କଥା ଯେ ଘଟିଲା,
ବୋଧେ କଳି କାଳ ଶେଷ ହୋଇଲା ।

କାହୁଁ ଏ ଆସିଲା କରୋନା ଭୂତାଣୁ
ଦେଶରୁ ଦେଶକୁ ରାଜ୍ୟରୁ ରାଜ୍ୟକୁ
ଚାରି ଆଡେ ବ୍ୟାପି ଚାଲିଲା ।

କାମ ଧାମ ଛାଡି ବେପାର ବାଣିଜ୍ୟ
ଲୋକେ ଘରେ ବନ୍ଧା ହୋଇ ରହିଲେ
ବାହ୍ୟ ଆଡମ୍ବର ଜଙ୍କଫୁଡ ଛାଡି

ଘର ଖାଦ୍ୟ ଖାଇ ଶିଖିଲେ ।

ମୁଖେ ତୁଣ୍ଡି ମାରି ମଣିଷ ଆଜି ଯେ
ଘରୁ ବାହାରକୁ ଯାଉଛି,
କରୋନା ଭୂତାଣୁ ଭୟରେ ଆଜି ସେ
ଘରେ ଲୁଚି ବସି ରହିଛି ।

ହାଲୋ ହାୟ ଆଉ କୋଳାଗ୍ରତ ଛାଡି
ସଭିଏଁ ଯେ ହାତ ଯୋଡିଲେ,
ହଜିଲା ସଂସ୍କୃତି ଫେରି ତ ଆସିଲା
ଏ କଥାଟି ମନେ ଚିନ୍ତିଲେ ।

ପଶୁମାନେ ଦିନେ ଘରେ ବନ୍ଧା ଥିଲେ
ଏବେ ସେମାନେ ବୁଲିଲେ ବାହାରେ,
ମଣିଷ ଆଜି ଯେ ବଞ୍ଚିବା ପାଇଁ କି
ଘରେ ବନ୍ଧା ହୋଇ ରହିଲେ ।

ଚାରିଆଡେ ଆଜି  କରୋନା କରୋନା
ସାଜିଛି କୋକୁଆ ଭୟ,

ପିଲା ଠାରୁ ବୁଢା ସଭିଏଁ ଆଜି ଯେ
ଆତଙ୍କିତ ଆଉ ଭୟାବହ ।

ଦେଶ ଅର୍ଥନୀତି କାଙ୍ଗାଳ ହେଲାଣି
ଭାଳିଲେଣି ବସି ସରକାର,
କିପରି ବର୍ତ୍ତିବ ଏହି କରୋନାରୁ
ଦିନ ରାତି ବସି କରେ ବିଚାର ।

ଦିନକୁ ଦିନ ତ ମାଡି ଚାଲି ଅଛି
ଏହି କରୋନାର ପ୍ରାଦୁର୍ଭାବ,
ଭୟରେ ଆତଙ୍କ ମାନବ ସମାଜ
ନ ପାଏ ସମାଧାନର ଠାବ ।

ସାରା ବିଶ୍ୱରେ କରୋନା ଆଜି ଯେ
ମହାମାରୀ ରୂପ ନେଇଛି,
ଦେଖୁ ଦେଖୁ ସିଏ ସାରା ପୃଥିବୀକୁ
କବଳିତ କରି ରଖିଛି ।

ଭାରତ ଦେଶ ମୋ ଧର୍ମର ପ୍ରତୀକ

ଯୁଗେ ଯୁଗେ କଥା ରହିଛି,
ନିଶ୍ଚୟ ଦିନେ ସେ ଏହି ଭୂତାଣୁକୁ
ହରାଇବ ବୋଲି
ଦୃଢ଼ ବିଶ୍ୱାସ ଯେ ରଖିଛି ।

*****

କୁଞ୍ଜକାନ୍ତ, ଢେଙ୍କାନାଳ




**ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା**

# ନିଦାଘବାଘ



ଶରତ ଚନ୍ଦ୍ର ଜାଲି

ନିଦାଘବାଘକୁ ଦେଖିଗୋ ସଜନୀ
ଭୟେ ହୃଦ କମ୍ପମାନ
କ୍ଷଣେକ୍ଷଣେ ଅଗ୍ନି କିରଣ ପଞ୍ଝାରେ
ଦିଅଇ ସେ ଲମ୍ପମାନ ||
ତୃଷିତ ଅନ୍ତର ଶୁଷ୍କ କଳେବର
ଦେଖି ଭୟଙ୍କର ରୂପ
ଶୀତଳ ଅନିଳ ଶୀତଳତା ଜଳ
ସଂପୂର୍ଣ୍ଣ ହେଲାଣି ଲୋପ ||
ଧରିତ୍ରୀ ପ୍ରାଙ୍ଗଣେ ସେଇ ବାଘ ଭ୍ରମେ
ବୈଶାଖକୁ କରି ସାଥି
ହା ନୀର ହା ନୀର ଶୁଭେ ନାଦ ଘୋର

କାହିଁ ନାହିଁ  ଚିରଶାନ୍ତି ॥
ବରଷା ବଦଳେ ବର୍ଷୁଛି ଅନଳ
ନୃତ୍ୟରତ ଗ୍ରୀଷ୍ମ ବାଘ
ଅସ୍ତବ୍ୟସ୍ତ ହୁଏ ସକଳ ପରାଣ
ନିସ୍ତେଜିତ ସର୍ବଅଙ୍ଗ ॥
ସେଇ ବାଘ ନୀର ପାନକରେ ବୋଲି
କୃଶ ସରୋବର, ନଈ
ମାଟି ଛାତି ଫାଟି ଅନୁରାଗ ତୁଟି
ଅନୁଭବେ ଯାଏ କହି ॥
ଥୁଣ୍ଟା ବରଗଛ ତରୁଲତା, ପତ୍ର
ଲଭି ତା ତତଲା ଝାସ
ଧରଣୀ, ସରଣୀ ବାଘପାଦ ଚିହ୍ନ
ରୁଦ୍ଧ ହୁଅଇ ନିଶ୍ୱାସ ॥
ସ୍ୱୟଂ ମହାପ୍ରଭୁ ସେ ବାଘକୁ ଡରି
ରଚନ୍ତି ଚନ୍ଦନ ଯାତ
ଶ୍ରୀଅଂଗେ ଚନ୍ଦନ କରନ୍ତି ଲେପନ
ଭୁଞ୍ଜନ୍ତି ପଖାଳ ଭାତ ॥

ସେ ବାଘ ଗ୍ରାସିଛି ସାରା ବ୍ରହ୍ମାଣ୍ଡକୁ
ନାହିଁ ଆଉ ନିସ୍ତାରଣ
ଅତ୍ୟାଧୁନିକତା ଜୀବନ ଶୈଳିରେ
ଗୁମୁରି କାନ୍ଦେ ପରାଣ ॥
ଆପଣା ହସ୍ତେ ଯେ ଆପଣା ମରଣ
କାହାକୁ କହିବା କିଏ ?
ମଣିଷ କରୁଛି ପ୍ରକୃତିକି ଧ୍ୱଂସ
ସେଥିପାଇଁ ବାଘ ଡିଏଁ ॥
ଜୀବନଯାପନ ସରଳ ସପନ
ଲଗା ଧାଡିଧାଡି ବୃକ୍ଷ
ପ୍ରପଞ୍ଚ ଭରମ ହଟିବ ଗରମ
ବାଘ ହେବନାହିଁ ରୁକ୍ଷ ॥
ହୁଅ ସାବଧାନ ହେ ମଣିଷ ଜାତି
ପ୍ରକୃତିକି କର ଯତ୍ନ
ବାଘର ମରଣ ହସିବ ଜୀବନ
ଲଭିବ ଯେ ଶାନ୍ତିରତ୍ନ ॥

*****

ପଥରା, ଖଲ୍ଲିକୋଟ, ଗଂଜାମ

# ନାରୀ



ପ୍ରଜ୍ଞା ପାରମିତା ମହାନ୍ତି

ନାରୀ.....ସେ ତ ନିର୍ଯ୍ୟାସ ସୃଷ୍ଟିର,
ସେ ଯେ ଦ୍ୱିତୀୟ ଈଶ୍ୱର,
ପୁଣି କ୍ଷମାର ସାଗର,
ଆଉ କରୁଣାର ଅବତାର ।

ନାରୀ.....ଏକ ଦିଗନ୍ତ ସନ୍ଧାନ,
ଭବିଷ୍ୟତ ଅନ୍ୱେଷଣ,
ନଦୀ ସମ ବହମାନ,
ସଂସାରର ଶ୍ରେଷ୍ଠ ଆକର୍ଷଣ ।

ନାରୀ.....ରକ୍ତ-ମାଂସ-ଦେହ ଧାରୀ,
ସ୍ଥୂଳ ଦୃଶ୍ୟ ଅପସରି,

ଏକ ସୂକ୍ଷ୍ମ ଅଶରୀରୀ,

ସଦାକାଳେ ଜାଗ୍ରତ ପ୍ରହରୀ ।

ନାରୀ..... ସେ ଅବିରତ ପ୍ରେରଣା,

ବୃହତ୍ତର ସମ୍ଭାବନା,

ଜନନୀ-ଜାୟା-କନ୍ୟା-

ସଖା-ଭଗିନୀ, ସ୍ୱୟଂସମ୍ପୂର୍ଣ୍ଣା ।

*****

ବଳଗଣ୍ଡି ସାହି, ପୁରୀ

# ମୃତ୍ୟୁ



ଜ୍ୟୋତି ପ୍ରକାଶ ସାହୁ

ଜୀବନର ଏକ ମାତ୍ର ସତ୍ୟ ଓ ଏକ ଦୁର୍ଲଭ ଜ୍ଞାନର ସାର ।
ଶାଶ୍ୱତ ଓ ଭବ୍ୟ ଏହାର ସ୍ୱରୂପ, ଯାହା ଅଟେ ମୋକ୍ଷର ଦ୍ୱାର ॥

ଭୟ, ଗ୍ଲାନି, ପୂର୍ଣ୍ଣ, ଅପୂର୍ଣ୍ଣ ଓ ଅନ୍ତିମ ଯାତ୍ରାର ଏହା ଅବଶେଷ ।
ମୃତ୍ୟୁ ହିଁ ବିଶ୍ୱସ୍ତ, ସ୍ପନ୍ଦନ, ନିଶ୍ୱାସ ଓ ବିଶ୍ୱାସର ପୂର୍ଣ୍ଣଛେଦ ॥

ମୃତ୍ୟୁ ନିୟତିର ଶେଷ ପରିଣତି, ସବୁ ଦୁଃଖ ଓ ସୁଖର ଅନ୍ତ ।
ଜୀବନ ଯାହାକୁ ଆଦରର ସହ ଅପେକ୍ଷା କରେ, ଲଙ୍ଘିବାକୁ ନୂତନ ଦିଗନ୍ତ ॥

ଅସ୍ତିତ୍ୱର ସଂଜ୍ଞା
ମୃତ୍ୟୁ ଠୁ ଆରମ୍ଭ ଓ ମୃତ୍ୟୁ ଠି ହିଁ ଶେଷ ।

ପ୍ରତୀକ୍ଷା କେବଳ କିଛି ଉତ୍ତର ପାଇଁ

ଯାହା ମୃତ୍ୟୁର ଆଲିଙ୍ଗନେ ହିଁ ଏକ ସମ୍ଭବ ଭବିଷ୍ୟ ॥

ସ୍ୱପ୍ନ କ'ଣ ଆଉ ବାସ୍ତବତା କ'ଣ ତା ଅଗରେ

ସିଏ ତ ଏସବୁର ଊର୍ଦ୍ଧ୍ୱରେ ପ୍ରବାହିତ ।

ମୋହମାୟାର ମିଛ ଆବରଣକୁ ଯିଏ ଭେଦିଯାଏ

ସିଏ ମୃତ୍ୟୁ, ଯାହା ବୋଧେ ଶୁଣାଯାଉଥିବା ଶେଷ ଅଟହାସ୍ୟ ॥

*****

କାମାକ୍ଷାନଗର, ଢେଙ୍କାନାଳ

# ଅନ୍ଧ



ପୁଷ୍ପାଞ୍ଜଳି ପଣ୍ଡା

ଆଖି ଖୋଲି ଦେଖିଥିଲି ବୋଲି
ଅନ୍ଧ କରି ଛାଡ଼ି ଚାଲିଗଲୁ ।
ଏଯାଏବି ପାରିଲିନି ବୁଝି
ବିଶ୍ୱାସରେ ବିଷ କାହିଁ ଦେଲୁ !
ଥରେ ବାଡ଼ି ହରାଇଛି ସତ
ଆଖି କୋଣ ଭିଜାଇଛି ସତ
ମନେ ମନେ ଝୁରିଛି ତୁମକୁ ।
ଆଖିଥାଇ ଅନ୍ଧହୋଇ
ରହିବାର ଦୁଃଖ ଆଉ
ନ ହେଉ କାହାକୁ !
ଜୀବନର ଅନ୍ଧ ଗଳି ଅନ୍ଧାରରେ

ପାଗଳ ମୁଁ ସାଜି ଘୁରିଥିଲି
ଭଲ ତତେ ପାଇ ଥିଲି
ଅନ୍ଧାରି ମୂଲକ ଦେଖି
ଆଲୁଅର ବାହାନା ଖୋଜିଲୁ
କେମିତିଆ ପ୍ରେମ କରୁଥିଲୁ !
ଅନ୍ଧ ହେଲି ଭଲ ହେଲା
ଆଖିବୁଜି ଦେଖିବାରେ
ଫରକଟା ବୁଝା ତ ପଡିଲା ।

*****

ଈଶ୍ୱରପୁର, କେନ୍ଦ୍ରାପଡା

# ପ୍ରଭୁ ହେ ତୁମେ ଭରସା



ତପସ୍ୱିନୀ ଦାଶ ଷଡଙ୍ଗୀ

ଦଗ୍ଧିଭୂତ ପ୍ରାଣ ପାଅଇ କଷଣ
ସଂସାରି ହୋଇକି ଏଠି
ଘୋର ମୋହ ମାୟା ଜଳେ ମୋର କାୟା
କି ବିଚିତ୍ର ଏହି ସୃଷ୍ଟି ?
କେତେ ଯେ ବିପତ୍ତି ହୁଅଇ ଉତ୍ପତ୍ତି
କେହି ବୁଝି ପାରନ୍ତିନି
ଅଚିହ୍ନା ବେମାରି କାହୁଁ ଆସେ ଚଳି
କେହି ନ'ପାରନ୍ତି ଜାଣି ।
ଦ୍ୱାପର ଯୁଗରେ କୋକୁଆ ଡରରେ
ଛାନିଆ ହୋଇଲେ ସର୍ବେ
ଏ କଳି କାଳରେ ବଡ଼ ପ୍ରମାଦରେ

କରୋନା ମାଡିଲା ଭବେ ।
ରକ୍ଷାକର ବୋଲି ପଡୁଅଛି ହୁରି
ଚାରି ଦିଗେ ହାହାକାର
ସୃରୁଜ ଉଇଁବ ସିନ୍ଦୂରା ଫାଟିବ
ରଖିବ ହେ ଚକ୍ରଧର ।
ଅଧର୍ମ ଅନୀତି ବଢୁଅଛି ନିତି
ଅସହ୍ୟ ହେଉଛି ଧରା
ମନ ଜଳୁଅଛି ଭୀତି ତେଜୁଅଛି
ପ୍ରାଣ ହୁଏ ଦିଗହରା ।
ଆହେ ମହାବାହୁ ମେଲି ଅଛ ବାହୁ
ହୁଅନି ଆଉ ପଥର
ତୁମେ ଅବତାରି ଦିଅ ହେ ଉଦ୍ଧରି
ରଖ ଏ ସୁନା ସଂସାର ।

*****

ବେଙ୍ଗାଲୁରୁ

# ମୋ' ମାଆ



ଦମୟନ୍ତୀ କିଶାନ

ଏ ସଂସାରକୁ ଆଣିବା ପାଇଁ ମତେ,
ତୁ କେତେ କଷ୍ଟ ସହିଛୁ ମା' ହେଲେ ମୁଁ
ପାଚିଲା ଆମ୍ବଟିଏ ପରି ପବନର ସ୍ପର୍ଶରେ
ଠପ୍ କିନା ଭୂଇଁରେ ଖସି ପଡିଥିଲି ବିନା ଯନ୍ତ୍ରଣାରେ,
କଷ୍ଟ କଲୁ ତୁ ଆଉ କୃଷ୍ଣ ପାଇଲି ମୁଁ, କାହିଁକି, ମା'.....।
ମୋ' କୁନି ପାଦରେ କଣ୍ଟା ପଶିଯିବ ବୋଲି,
ଧୂଳି ଲାଖିଯିବ ବୋଲି ତୁ ଝାଳବୁହା ଧନରେ
ମୋ' ଲଙ୍ଗଳା ପାଦ ଓ ଦେହର ଯତ୍ନ ପାଇଁ
ଜୋତା ଓ ସାର୍ଟଟିଏ କିଣି ଦେଇଥିଲୁ,
ହେଲେ ତୁ ସେଇ ଖଣ୍ଡିଏ ଚିରାକନାରେ
ଖାଲି ପାଦରେ ଦିନ କାଟୁଥିଲୁ, କାହିଁକି ମା'....।

ମୋ' ସୁଖ ନିଦ୍ରା ପାଇଁ ତୁ ଗୁଣୁଗୁଣୁ ଗୀତରେ
ଶୁଆଇ ଦେଇ କୁକୁର ଡାକରେ ନିଦ ଭାଙ୍ଗିଯିବ ବୋଲି
ରାତିସାରା ଅନିଦ୍ରାରେ ଚେଇଁ ରହୁଥିଲୁ ତଥାପି
ତୋ' ଆଖିରେ ମୁଁ କଷ୍ଟ ଦେଖିନଥିଲି, କାହିଁକି ମା'....।
ହଁ, ମନେଅଛି ସେଇ ଗୋଟେ ପିଲାବେଳ ଦୁଷ୍ଟାମି
ନିତି ସ୍କୁଲ ଗଲାବେଳେ ଟଙ୍କାଟେ ମାଗିବାର
ଅଳି କରୁଥିଲି ତୋ' ପାଖେ ତଥାପି ତୁ ମତେ
ମୋ' ଅଳି, ଅଝଟ ପାଇଁ କେବେ ମାରିନଥିଲୁ, କାହିଁକି ମା'....।
ଗୋଟେ ମୂହୂର୍ତ୍ତ ବି ତୁ ମୋ'ଠୁ ଅଲଗା ହେଇଗଲେ
କୁଆଁକୁଆଁ ହେଇ କାନ୍ଦୁଥିଲି ତୋ' ଫେରିବାଯାଏଁ
ଆଉ ଆଜି ମୁଁ ପାଠ ପଢିବାକୁ ଯାଇ ତୋ'ଠୁ ବହୁଦୂରେ
ତଥାପି ତୋ' ଆଖିରେ ମୋ' ବିଚ୍ଛେଦ ଦୁଃଖରେ
ଟୋପାଏ ଲୁହ ବହିବାର ଦେଖିନି, କାହିଁକି ମା'....।
ବାଇଶି ବର୍ଷ ହେଇଗଲା ତୋ' ସେଇ ସନ୍ତାନକୁ
ସେ ଛୋଟରୁ ବଡ ହେଇଗଲା ଆଜି ତଥାପି ତୋ'
ସ୍ନେହ ଓ ଭଲପାଇବାରେ ଟିକେ ବି ଊଣା ହେଇନି
ଦୁନିଆଁର ସବୁ ସୁଖ ତୁ ମତେ ଯାଚି ଦେଇଛୁ

ହେଲେ ମୁଁ ତତେ କିଛି ଦେଇ ପାରିନି ତଥାପି
ମୁଁ ତୋ'ର ହୃଦସ୍ପନ୍ଦନ, ଗଣ୍ଠିଧନ, ପ୍ରାଣ, କାହିଁକି ମା'....।

*****

ସୁନ୍ଦରଗଡ

# ନାରୀ ମହିମା



ଶୁଭଲକ୍ଷ୍ମୀ ଦାସ

ସଂସ୍କାର ସ୍ମରଣେ ଲଜ୍ଜା ନିବାରଣେ,
ଲୋତକ ଝରଣା ତୀରେ
ଲକ୍ଷେ ଦୁଃଖ ପାନ କରି ମହାନ ସେ,
ସର୍ବଂସହା ନାମେ ଖ୍ୟାତ....
ହେ ନାରୀ !!!! ତୋର ଚରଣେ ଶତ ପ୍ରଣିପାତ ।

ଭ୍ରୁଣରେ ସନ୍ତାନ କନ୍ୟା ହେଲେ ଜ୍ଞାତ,
ଶତ୍ରୁ ଯେ ହୁଅନ୍ତି ଆପଣାର ଲୋକେ....
ବୁଦ୍ଧି ଭ୍ରଷ୍ଟ ହୁଏ ରାକ୍ଷସ ପରାଏ,
ଜୀବହନ୍ତା ପାଲଟି ଯାଆନ୍ତି ତ୍ୱରିତ ।

କନ୍ୟା, ଭଗ୍ନୀ, ଜାୟା, ମାତା ରୂପରେ ତୁ,
ହିଂସା ଦ୍ୱେଷକୁ ବି ଏକା ସହ୍ୟ କରୁ ।
ଯେଉଁମାନେ ତୋତେ ପୂଜନ୍ତି ଶରତେ....
ସ୍ୱାର୍ଥସାଧନ ଛଳରେ କରିପାରନ୍ତି ଅପମାନିତ ।

ଅତ୍ୟାଚାରର ପ୍ରଭାବ, ଯୁଗେ ଯୁଗେ ରହିଛି ପ୍ରମାଣ,
ତୋ ପାଇଁ ରଚିତ ମହାକାବ୍ୟ ରାମାୟଣ ।
ତୋ ଅପମାନ ଲାଗି ହେଲା ଯେ ମହାଭାରତ....
ତଥାପି ଅବୋଧ ମାନବ ଭ୍ରାନ୍ତଧାରାରେ କବଳିତ ।

ସାକ୍ଷୀ ଯେ ଇତିହାସ !
ନାରୀ ଯେବେ ଜଳେ ଧୈର୍ଯ୍ୟର ବହ୍ନିରେ,
ଲୀନ ହୁଏ ସମଗ୍ର ସୃଷ୍ଟି ପ୍ରଳୟ କୋଳରେ ।
ପ୍ରତିଶୋଧର ଦାବାଗ୍ନୀ କରାଳ ପ୍ରକୋପ ହେବା ପୂର୍ବରୁ ରୂପାୟିତ,
ସାବଧାନ ସାଧୁଗଣ !!!!
ସତୀ ରୂପୀ ସର୍ବଂସହା ନାରୀ ମହିମା ସର୍ବବିଦିତ ।

*****

ସିଡିଏ, କଟକ

# ଦାଦନଙ୍କୁ ସମ୍ମାନ



ଦିନବନ୍ଧୁ ବେଜ

ପ୍ରକାରାନ୍ତେ
ପ୍ରକୃତିର ଗନ୍ତାଘର
ପାହାଡ଼ରୁ ପଥର
ଡିନାମାଇଟ ଦ୍ୱାରା
ଭଙ୍ଗାଗଲା ପରି,
ଆଶାର ପାହାଡ଼ଟି
ମହାମାରୀ ଦ୍ୱାରା
ଡଙ୍କ ଭାଙ୍ଗି ପଡିଛି...
ଭାଙ୍ଗି ଯାଇଛି ସ୍ୱପ୍ନ
ଭଲକରି ତୁଣ୍ଡରେ ଅନ୍ନ
ପକାଇବାକୁ ଅକ୍ଷମ,

କାହିଁକିନା ସେ ଦାଦନ ।

ପାଠପଢି ଦେଖିଥିଲା

ଚାକିରିର ରଙ୍ଗିନ ସ୍ୱପ୍ନ

ଭିଟାମାଟିର

ନାଇଁ ନଥିବା ଆକର୍ଷଣ

ତାଙ୍କୁ କରିଥିଲା ପଙ୍ଗୁ

ସେ ଜୀବନ ଥାଇ ବି

ଲଭିଥିଲା ନିର୍ବାଣ

ପ୍ରଜାପତିରୁ ସଂବାଳୁଆ

ହେଲାତାର ରୂପାନ୍ତରଣ

ଶିକ୍ଷିତ ବେକାରୀରୁ

ଚିରାଚରିତ ଦାଦନ

ପାଦ ନ ଥିବାରୁ ପଙ୍ଗୁ

ଖାଦ୍ୟ ନଥିବାରୁ ବୁବୁକ୍ଷ

କାମ ନଥିବାରୁ

ପ୍ରବାସୀ ନିକମା.......

ସରକାର ନିଅହେ

ଏମାନଙ୍କ ଜିମା

ଫୁଲ ଫୁଟାଅ
ମରୁଦ୍ୟାନରେ ସଂଚରୁ ବାରି
ହସଫୁଟାଅ ଦାଦନର
ବିଷର୍ଣ୍ଣ ମନରେ,
ସବୁ ଦାଦନ
ହୋଇ ଯାଆନ୍ତୁ
ଊର୍ଦ୍ଧ୍ୱ ମୁଖା...
ଖରଶ୍ୱାସ ବହୁ
ଅଣଚାଷ ହୋଇ,
ସୀମାରେ ଫୁଲ ତୋଡ଼ା
ତାଙ୍କପାଇଁ କରହେ ବ୍ୟବସ୍ଥା
ସ୍ୱାଗତ କର ସସମ୍ମାନେ,
ଦେଶ ନିର୍ମାଣରେ
ତାଙ୍କର ସହଭାଗିତା
ମନେ ପକାଅ
ପାଛୋଟି ଆଣ ତାଙ୍କୁ
ଡୋଲିରେ ବସାଇ
ପହଞ୍ଚାଇ ଦିଅ,

ଭିଟାମାଟିର ସରହଦରେ

ତେବେ ପ୍ରକୃତ ସମ୍ମାନ ହେବ

ଜଣେ ପ୍ରବାସୀ ଦାଦନକୁ ।

*****

ଶିଖାପାଲ୍ଲୀ, ମାଲକାନଗିରି

# ପ୍ରେମ ଏକ ପ୍ରତିଜ୍ଞା



ନୂତନ କୁମାର ବେହେରା

ଏ ପ୍ରେମ ଏକ ପ୍ରତିଜ୍ଞା    କରେ ଯିଏ ତା ଅବଜ୍ଞା
ଜୀବନେ କେବେ ପାଏନା ଶାନ୍ତି,
ଏ ଯେ ଈଶ୍ୱରଙ୍କ ଆଜ୍ଞା    ପ୍ରକାଶଇ ଆତ୍ମ ପ୍ରଜ୍ଞା
ଦୂରକରେ ଅବଶୋଷ କ୍ଳାନ୍ତି ।

ପବିତ୍ର ମନର ଭାବ    ସୃଷ୍ଟିର ଶ୍ରେଷ୍ଠ ବିଭବ
ଯୁଗେ ଯୁଗେ ଚିରନ୍ତନ ସତ୍ୟ,
ତେଜି ସ୍ୱାର୍ଥର ସ୍ୱଭାବ    ଧ୍ୟାନେ କଲେ ଅନୁଭବ
ଲଭଇ ଆନନ୍ଦ ତୃପ୍ତି ନିତ୍ୟ ।

ଶାଶ୍ୱତ ଦିବ୍ୟ ଚେତନା    କଳ୍ପାନ୍ତୁର ଏ କଳ୍ପନା
ମଧୁମିତ କରିବାକୁ ଧରା,

ଉପାସନା ଆରାଧନା ଏ ପ୍ରେମ ପୂଜା ଅର୍ଚ୍ଚନା
ସଂସାରରେ ମଙ୍ଗଳର ଧାରା ।

ପ୍ରେମ ନୁହେଁ ଆକର୍ଷଣ ଏ ସଂଯୋଗର କାରଣ
ସ୍ୱର୍ଗୀୟ ଶକ୍ତିର ବରଦାନ,
ହୃଦୟର ଜାଗରଣ ଆତ୍ମା କରେ ଆହରଣ
ଦେଖାଇବାକୁ ସ୍ୱ ଅବଦାନ ।

ନୁହଁଇ ଏ ବ୍ୟତିକ୍ରମ ଅବା ନୁହେଁ ମତିଭ୍ରମ
ଜନ୍ମ ଜନ୍ମର ଦୃଢ ବନ୍ଧନ,
ପ୍ରାରବ୍ଧର ପୁଣ୍ୟକର୍ମ ଧର୍ମ ଧାରଣେ ଜନମ
ଦିଅଇ ଅମୃତର ସନ୍ଧାନ ।

ଅନନ୍ତ ଶକ୍ତିର ଉତ୍ସ ସ୍ୱତଃସ୍ଫୂର୍ତ୍ତ ତା' ପ୍ରକାଶ
ଭରସା ବିଶ୍ୱାସ ତାର କେନ୍ଦ୍ର,
ସମ୍ଭାବନାର ଆଭାସ ମହକିତ ଏ ସୁବାସ
ଉଦ୍ଭାସିତ କରେ ସୂର୍ଯ୍ୟ ଚନ୍ଦ୍ର ।

ପ୍ରେମ ତପସ୍ୟାର ଫଳ ଜୀବନୀ ଶକ୍ତିର ମୂଳ
ପ୍ରତିଭା କରେ ପରିସ୍ଫୁଟନ,

ଏକନିଷ୍ଠ ଲବ୍ଧ ବଳ ଜୟ କରେ ସର୍ବକାଳ

ଭବେ ସାର୍ଥକ କରି ଜୀବନ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ପବିତ୍ର ପାପ



ଇପ୍ସିତା ରାୟ

ଜୀବନର ସେହି ବିଶାଳ ପଥରେ
ଚାଲୁଚାଲୁ ପୁଣି ପାଦ ହେଲା ବାଟବଣା
ପବିତ୍ର ପାପର ବିଶାଳ ଗହନେ
ପଡିଲି କେମିତି ପାରିଲିନି ଜାଣି ଜମା ॥
ହୃଦୟର ସେହି ଶୁନ୍ୟତାକୁ ପଚାରି ଯେବେ ମୁଁ ଶୁଣେ
ପ୍ରତି ଉତ୍ତରରେ କହେ ସେ ନିରବେ,
ଜହ୍ନ ପାଇଁ ଜୋସ୍ନା ଫୁଲ ପାଇଁ ବାସ୍ନା
ବିଧାତା ଯେମିତି ଗଢେ,
ପ୍ରେମ ଜିବନରେ ଆସେ ବି ସେମିତି
ପବିତ୍ର ପାପ ପରାଏ ॥

ନିଶି ଅନ୍ଧାରେ ଆଲୋକିତ କରେ
ଜହ୍ନର ଜ୍ୟୋତି ଯେମିତି
ଦୁଇଟି ହୃଦୟେ ବସା ବାନ୍ଧି ଉଠେ
ଅତୁଟ ଏ ବନ୍ଧନ ସେମିତି ॥
ହୃଦୟରେ ପୁଣି ନାଚି ଉଠୁଥାଏ
ପ୍ରତିଛବି ତା'ର ନିତି
ଥୁଣ୍ଟା ଗଛରେ ନିଷ୍ପାପ ଫୁଲଟି,
ପୁଲକିତ ହୁଏ ଯେମିତି ॥
ସମାଜ ଆଖିରେ ପ୍ରେମ ଆଜିହୁଏ କଳଙ୍କିତ
ତଥାପି ହୃଦୟ କୁହେ କରିବାକୁ ସେ ପବିତ୍ର ପାପ ॥

*****

ଜଗତସିଂହପୁର

# ସଫଳତା



ବୈବସ୍ବତ ନାଏକ

ଦିନୁ ଦିନୁ ସମୟ ଗଲାଣି ସଙ୍ଗାତ
ଆଉ ଲାଭ ନାହିଁ ଭାବି ସେ ଅତୀତ ।
ମୌଜ ମସ୍ତିରେ ଦିନ ଯାଉଛି ବିତି
ଧୀରେ ଧୀରେ ସମୟ କରେ କ୍ଷୀପ୍ର ଗତି ।
ଏବେଠାରୁ ନିଜକୁ ନ କଲେ ହୁସିଆର
ନିଶ୍ଚେ ହେବ ଭବିଷ୍ୟତ ଅନ୍ଧକାର ।
ଅଯଥାଟାରେ ସମୟକୁ କରନା ଆଉ ନଷ୍ଟ
ଆମ ଭବିଷ୍ୟତ ପାଇଁ ବାପାମା କରୁଛନ୍ତି କେତେ କଷ୍ଟ ।
ଜୀବନ ତ ଗୋଟିଏ ପ୍ରତିଗୋଗିତର ଖେଳ
ପ୍ରତିଜୋଗି ହୋଇ ଜୟ କରିବା ହୋଇଣ ମେଳ ।
ଛାତ୍ର ଜୀବନ ଭବିଷ୍ୟତ ତୋଳିବାର ସମୟ

ସଦ୍ ବିନିଯୋଗ କରିବା ନ କରି ଅପଚୟ ।
ନିଜକୁ କରି ଜ୍ଞାନ ଅହୋରଣ ର ବ୍ରତୀ
କର୍ତ୍ତବ୍ୟ କରିଚାଲ ହୋଇ ଲକ୍ଷ୍ୟପଥର ଯାତ୍ରୀ ।
ନିଜକୁ ଏ ସାଧନାରେ ପରିଶ୍ରମୀ କରିବା ଯେତେ
ଜୀବନରେ ସଫଳତାର ଫଳ ମିଳିବ ସେହି ମତେ ।
ଆଳସ୍ୟ, ବିଶୃଙ୍ଖଳା ପ୍ରତି ହୁଅ ସାବଧାନ
ଏହା ଲକ୍ଷ୍ୟପଥରେ ଆଣିପାରେ ଝଡ଼ତୋଫାନ ।
କ୍ରୋଧ, ଲୋଭ, ହିଂସାକୁ କରି ପରିହାର
ଦୟା, କ୍ଷମା, ନିଃସ୍ୱାର୍ଥରତାକୁ କର ଆପଣାର ।
ସମ୍ମାନ ହେଉ ବା ଅପମାନ କରିବା ଆଦର
ତେବେ ଯାଇ ହେବ ସଫଳତାର ସୌଦାଗର ।
ସଦା ମାତାପିତା, ଗୁରୁଙ୍କୁ କରୁଥିବା ଭକ୍ତି
ସଫଳତା କଷ୍ଟନୁହେଁ ଥିଲେ ଦୃଢ଼ ମନୋବଳ ଶକ୍ତି ।
ଆମକୁ ନେଇ ସେମାନେ ଦେଖିଛନ୍ତି କେତେ ସପନ
ଦିନେ ନା ଦିନେ ସଫଳ ହୋଇ ତାଙ୍କ ସ୍ୱପ୍ନ କରିବା ପୂରଣ ।

*****

କୁରେସିନି,ଗୋଲାମୁଣ୍ଡା,କଳାହାଣ୍ଡି

# ପାରିବି କି ଫେରି ?



ଅଶ୍ୱିନି କୁମାର

ମନରେ କେତେ ଆଶା ନେଇ
ଚାଲି ଆସିଥିଲି ସହରକୁ,
ପେଟ ଚାଖଣ୍ଡ ପାଇଁ ।
ମୁଁ ଦିନ ମଜୁରିଆ
ମୋ ପାଇଁ ଯଥେଷ୍ଟ
ଦୁଇ ଯୋଡ଼ା କନା
ପେଟ ପାଇଁ ମୁଠାଏ ଦାନା,
କେବେ ବଡ଼ ଲୋକ ହେବାର
ସ୍ୱପ୍ନ ଦେଖି ନାହିଁ ।
ହେଲେ ଆଶା ଆଶାରେ ରହିଲା
ଆଜି ଏଠି ବି ଚିର ହାହାକାର ।

ଦି ଧାର ଅସ୍ତ୍ର ଆଗେ
ଚାଲୁଛି ମୁଁ ଆଜି,
ଗୋଟେ ପଟେ କରୋନା ସାଧେ ଦାଉ ।
ଅନ୍ୟ ପଟେ ଭୋକର ଜ୍ୱାଳା
କରେ ଥରହର ।
ଏଠି ଜୀବନ ପାଲଟି ଯାଇଛି ଦୁର୍ବହ
ଏଠି ମାରିବା ଅପେକ୍ଷା ତ
ମୋ ଭିଟା ମାଟି ଶହେ ଗୁଣ ଭଲ ।
ସେ ଟିକିଏ ଆଶା ନେଇ
ଚାଲେ ନିତିପ୍ରତି
ଆଜି ଶରୀର ମୋ ଶକ୍ତିହୀନ
କ୍ଳାନ୍ତ ଶିଥିଳ ।
ଶୁଣି ଥିଲି
ଅରକ୍ଷିତକୁ ଦଇବ ସାହା ।
ହେଲେ ଆଜି ଭାଗ୍ୟକୁ ଆଦରି
ଖୋଜିବୁଲେ ବଞ୍ଚିବାର ରାହା ।
ତୁମେ ଦେଉଥିବା ମୁଠାଏ

ରିଲିଫ ଦାନା,

ଓଟ ମୁହଁରେ ଜିରା ପରି ।

ମୋ ଆଖି ଆଗରେ

ମୋ ସନ୍ତାନଙ୍କ ଭୋକିଲା କ୍ରନ୍ଦନ

ମୋ ସ୍ୱାଭିମାନକୁ ଦେଇଛି ମାରି ।

ଦୁନିଆଁ ଠିକ କହେ

ଗରିବର କେହି ନାହିଁ ସାହା,

ଗରିବ ମାଇପ ସବୁରି ଶାଳୀ ।

ସତେ ଯେମିତି ନିୟତି ସାଧେ ଦାଉ

କରିଛି ମୃତ୍ୟୁର ପରବାନା ଜାରି ।

ହେ ଲୀଳାମୟ

ଶୁଣି ପାରୁନି କି ତୁମ କର୍ଣ୍ଣ ଗହ୍ୱର

ମୋ ବିକଳ ଆର୍ତ୍ତନାଦ ।

ଓହୋ ତୁମ ହାତରେ ଆଉ କିଛି ନାହିଁ

ତେଣୁ ବନ୍ଦ ହୁଏ ତୁମ ଉପାସନା ସୌଧ ।

ତୁମେ ପରା କରିଥିଲ

ଦୁଇ ପଟ ରୋଟିରେ

ହଜାର ଲୋକଙ୍କ କ୍ଷୁଧା ନିବାରଣ ।

କରିଥିଲ ଭକ୍ତର ଉଦ୍ଧାର

ଚକ୍ର ପେଶି ନର୍କ ନାଶିଣ ।

କୁଆଡେ ଗଲ ହେ। ଅବତାରୀ,

ଈଶ୍ୱରଙ୍କ ଦୂତ, ଈଶ୍ୱର ସନ୍ତାନ ।

ଆଜି ଖୋଜିବୁଲେ ତୁମରି ସାନ୍ନିଧ

ଦେଖି ପାରୁନ କି

ମୋ ଅଶ୍ରୁ ରୋଦନ ।

ପରିବାର ବୋଝ

ମୁଣ୍ଡରେ ବୋଝେଇ ।

ଅବୋଧ ଶିଶୁକୁ

କାନ୍ଧରେ କାନ୍ଧେଇ ,

ରାଜରାସ୍ତାରେ ହୁଏ ଅଗ୍ରସର ।

ଜାଣେନା ମୁଁ ପାରିବିକି ଫେରି

ତଥାପି ଚାଲେ ଦମ୍ଭ ଧରି

ଏଠୁ ମୋ ଲକ୍ଷସ୍ଥଳ ବହୁ ଦୂର ।

ଚକଳାପଦର,

ଝରିଗାଁ, ନବରଙ୍ଗପୁର

*****

# ସ୍ୱପ୍ନର ତାଜମହଲରେ ସତର ମମତାଜ



ହୃଦୟାନନ୍ଦ ପଧାନ

ତୋଳୁଥିଲି ଦିନେ ମୋ ସ୍ମୃତିର ତାଜମହଲ
ସେଇ ରଙ୍ଗମହଲର ଚାରିତାଲା କୋଠା ଉପରେ ବସି ।

ଭାବୁଥିଲି ସ୍ୱପ୍ନରେ
ଗଢିବି ମୁଁ ଆଉ ଏକ ନୂତନ ପାନ୍ଥଶାଳା ।

ହଠାତ୍ କାହିଁକି ଆଜି ମୋ ସ୍ୱପ୍ନର ତାଜମହଲଟା
ହାତଠାରି ଡାକିଲା କାଲି ରାତିରେ ।

ମୁଁ ନିଦ୍ରିତ ନୟନେ ଉଠିପଡି
ଯାଇ ଦେଖେତ ମୋ ମମତାଜ
ମୁଣ୍ଡରେ ଓଢଣୀ ଦେଇ ଅପେକ୍ଷା କରିଛି
ସେଇ ଚଉଠିରାତିର ସଜ୍ଜିତ ବେଶରେ ।

ନାଲି ପାଟକୁ ଲାଲ ଓଢଣୀ
ସାଥେ କୁଙ୍କୁମ ବୋଳା ମୁଖ ମଣ୍ଡଳ
କେଶରାଶି ଚିଲିକାର ନୀଳଜଳ ପରି
ଅଙ୍ଗେଭରା ଯୌବନର ଶ୍ୟାମଳଶ୍ରୀ ଉପବନ
ନୟନର ତେରେଛା ଚାହାଣି
ଅତିବ ମନ ମୁଗ୍ଧକର ।

ପାଦର ପାଉଁଜିର ରୁଣୁଝୁଣୁ ଶବ୍ଦରେ
ନିସ୍ତବ୍ଧ ଏ ଅମାବାସ୍ୟା ରଜନୀ ।

ହଠାତ୍ ଦେଖିକି ଡରି ଯାଇଥିଲି
ତୁମର ସେ ସୁସଜ୍ଜିତ ଚେହେରା
ଭାରି ଖୁସି ଲାଗିଲା
ମୋ  ମମତାଜ ଅଭିମାନ ନ କରି
ଏବେବି ଅପେକ୍ଷା କରିଛି
ମୋ ଫେରିବା ପଥକୁ ଚାହିଁ  ।

*****

ବୀରମହାରାଜପୁର, ସୁବର୍ଣ୍ଣପୁର

# ପୁନେଇଁ ଡାକରା



ଶ୍ରୀମତୀ ଚିନ୍ମୟୀ ମିଶ୍ର

ପୁନେଇଁ ଡାକରା ହୋଇଲା ଯେବେ ଗଲି ଶ୍ୱଶୁର ଘର
ଅଧା ବାଟରୁ ପାଛୋଟି ନେଲେ ବୁଢା ଶ୍ୱଶୁର ମୋର ।
ସାନ ଶଳା ହାତ ଟାଣି ନେଲା
ମାଟି ପାଣିରେ ଗୋଡ଼ ଧୋଇଲା
ଦେଲା ଚଉକି ବସିବା ପାଇଁ
ମୁଁ ଯେ ବସିଲି ସେଥିରେ ଯାଇ ।
ଚଉକିଟି ଭଙ୍ଗା ଯୋଡା ହୋଇଥିଲା ନଥିଲା ମୋର ନଜର
ମୁହଁ ମାଡି ତଳେ ପଡିଯାଇ ମୁଁ ହୋଇଲି ହରବର..(୧)

ପିଇବାକୁ ଦେଲେ ଲୁଣପାଣି
ପାଟି ଖାରି କରିଦେଲା ପୁଣି

ଜାଲି ଧୋତି ଚଦରକୁ ଦେଖି
ବୁଜି ହୋଇଗଲା ମୋର ଆଖି
ପିନ୍ଧିଲା ବେଳକୁ ପାଖରେ ସଭିଏଁ ଠିଆ ହୋଇଥିଲେ ମୋର
ଏକ, ଦୁଇ, ତିନି ଗଣିଲା ବେଳକୁ ଶଳାଶାଳୀ ଏଗାର..(୨)

ଖାଇବାକୁ ଯାହା ଦେଲେ ଆଣି
ସେ ମୋ ଭାରିଜା ସାନ ଭଉଣୀ
ଭାତ କୁକୁର ଖାଇବ ନାହିଁ
ଡାଲି ପତରେ ଗଲାଣି ବୋହି ।
ମାଛ ତରକାରୀ ପୋଡି ଯାଇକରି ବାସନା ମହକେ ଘର
ପରଶିଲା ବେଳେ ଶାଳୀ କହୁଥିଲା ରାନ୍ଧିଛି ଭାଉଜ ତା'ର..(୩)

ସାରୁ ପତରେ ପାନ ଭାଙ୍ଗିଲେ
ଗୁଆ ବୋଲି ଗୋଡି ଗୁଣ୍ଡ ଦେଲେ
ଛୋଟ କାଠି କୁଟା ରଙ୍ଗ ଦେଇ
ପାନେ ମସଲା ଦେଲେ ସଜେଇ
ଶାଳୀ ଦେଲା ପାନ ଖାଇଲା ବେଳକୁ ଦାନ୍ତ ଭାଙ୍ଗିଗଲା ମୋର
ଶଳା, ଶାଳୀ ଶଳା ଭାଉଜ ହସରେ ଲାଜେ ନଇଁ ଗଲା ଶିର..(୪)

ଦେଇଥିଲେ ରାଲେ ସାଇକଲ
ତହିଁ ନଥିଲା ଦୁଇ ପେଡାଲ
ହଳେ ଦେଲେ ଆଣି ଛିଣ୍ଡା ଜୋତା
ପାଖେ ରଖିଥିଲେ ଭଙ୍ଗା ଛତା
ମୋ ଶଳା ଭାଉଜ କହିଲା ଯେ ମୋତେ ଜୋତା ପିନ୍ଧି ଛତା ଧର
ସାଇକେଲେ ବସ  ବୋଲି କହୁଥିଲା ବଡ଼ ଶଳା ଆସି ମୋର..(୫)

ଆଉ ଯେତେ ଶଳାଶାଳୀ ଥିଲେ
କେତେ ଥଟ୍ଟା ପରିହାସ କଲେ
କଳା, ନାଲି, ନେଳି ରଙ୍ଗ ନେଇ
ମୋର ମୁହଁକୁ ଦେଲେ ରଙ୍ଗେଇ
ଆଇନାକୁ ଦେଇ କହିଲେ ସଭିଏଁ ଦିଶୁଛ ଭାରି ସୁନ୍ଦର
ହାତେ ତାଳି ମାରି ହସୁଥିଲେ ଖାଲି କୁନି ଶଳା ଶାଳୀ ମୋର...(୬)

ଶଳାଶାଳୀ ହସାହସି ହୋଇ
ଟିଣ ବାକ୍ସକୁ ଦେଲେ ବଢେଇ
ତାଙ୍କ ହାତରୁ ବାକ୍ସକୁ ନେଲି
ଏତେ ଓଜନ ଜାଣି ନଥିଲି
ବାକ୍ସଟିକୁ ମୁହିଁ ଧରିଲା ବେଳକୁ ହାତୁ ଖସିଗଲା ମୋର

ଭଙ୍ଗା ବାକ୍ସଟିରେ ପୂର୍ଣ୍ଣ ହୋଇଥିଲା ଖାଲି କୋଇଲା ପଥର...(୭)

ଆଉ କଥାଏ କହୁଛି ମୁହିଁ
ମୋର କଥା ଶୁଣ ମନ ଦେଇ
ଫଟା ହାଣ୍ଡି ଫଟା ବେତୁଲିରେ
ଯାହା ସବୁ ବାନ୍ଧି ରଖିଥିଲେ
ଚିରା ଧୋତି ଶାଢୀ ଥିଲା ବେତୁଲିରେ ବନ୍ଧୁ ଓଳଗା ବେଭାର
ଫଟା ହାଣ୍ଡି ଖୋଲି ଦେଖିଲା ବେଳକୁ ଫିମ୍ପି ତେନ୍ତୁଳି ଆଚାର...(୮)

ଶୋଇବାକୁ ଦେଲେ ଯେଉଁ ଘର
ଖାଲି ମଶା ମୂଷା ପଲପଲ
ମୁନ୍ଦୁରାରେ ଶେଯ ବିଛାଇଲେ
କ୍ଷୀର ବୋଲି ଚୂନ ପାଣି ଦେଲେ
ଶୋଇଲା ବେଳକୁ ଅନ୍ଧାରୁଆ ଘରେ ଲାଗୁଥିଲା ଭାରି ଡର
ଭାବୁଥିଲି ମୁହିଁ ରାତି ପାହିଗଲେ ଛାଡିବି ଶ୍ୱଶୁର ଘର...(୯)

ଯାହା ସମ୍ମାନ ମିଳିଲା ମୋତେ
ତାହା କାହାକୁ କହିବି କେତେ
ଭଲ ଶ୍ୱଶୁର ଘରକୁ ଗଲି

ଖାଲି ଲୋକହସା ମୁହିଁ ହେଲି
ଚାହିଁ ଚାହିଁ ରାତି ପାହିଗଲା ମୋର ପ୍ରଭୁଙ୍କୁ ହେଲି ଜୁହାର
ଶ୍ୱଶୁର ଘରର "ପୁନେଇଁ ଡାକରା" ଇତି ହୋଇଗଲା ମୋର...(୧୦)

*****

ପ୍ରାଚୀ ବିହାର, ପଳାଶୁଣି,
ଭୁବନେଶ୍ୱର

# ଗଦ୍ୟ ବିଭାଗ

ପ୍ରକୃତରେ ମାଆ ତ ସିଏ ନା, ଯିଏ ସନ୍ତାନର ପ୍ରତ୍ୟେକଟି ଦୁଃଖ, ଛାତିତଳର ସବୁତକ ବୁକୁଫଟା ଚିତ୍କାର, ମନ ତଳର ପ୍ରତ୍ୟେକଟି ଅକୁହା ବେଦନାକୁ ବିନା କିଛି କହିବା ପୂର୍ବରୁ ବୁଝିଯାଏ । ବ୍ରହ୍ମାଙ୍କ ସୃଷ୍ଟିରେ ଏହିସବୁକୁ ପରିପୃଷ୍ଟ କରିଥାଏ ମାଆ । ସ୍ନେହମୟୀ, ମମତାମୟୀ ନାମରେ ସେ ନାମିତ । କିନ୍ତୁ ଏ ସବୁ ଗୁଣ କେବଳ ଜଣେ ନାରୀ ହିଁ ପରିଧାନ କରି ପାରିବ, ତା ତ ନୁହେଁ ନା । ଯଦି ଏ ସମସ୍ତ ଗୁଣ ଜଣେ ପୁରୁଷ ପାଖରେ ଥିବ, ତା ହେଲେ କଣ ସେ ପୁରୁଷକୁ ମାଆର ଆଖ୍ୟା ଦିଆଯାଇ ପାରିବ ନାହିଁ ?

- ରୋଜା ପଣ୍ଡା

# କିଏ ସାବିତ୍ରୀ ?



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ବ୍ରତଟି ଆସିବାର ମାସେ ପୂର୍ବରୁ ସୁପ୍ରଭାଙ୍କର ଧୀରେନ୍ଦ୍ରଙ୍କ ଆଗରେ କେତେ ଯେ ଅଳି, ଅର୍ଦ୍ଦଳି । ସାବିତ୍ରୀରେ ଯାହାସବୁ ଯାବତୀୟ ଜିନିଷ ଯେପରିକି ଶାଢ଼ୀ, ସାୟା, ବ୍ଲାଉଜ, ଚୁଡି, ସିନ୍ଦୂର, ଅଳତା, ଭୋଗ ପାଇଁ ଫଳମୂଳ, ସାଗୁ, ମୁଗ, ସୁହାଗିନୀ ମାନେ ପିନ୍ଧୁଥିବା ଅଳଙ୍କାର ଯେମିତି କି ବେକକୁ କଳାମାଳି, କାନକୁ କାନଫୁଲ, ଗୋଡ଼କୁ ନୂଆ ପାଉଁଜି, ଗୋଡ଼ ମୁଦି ଇତ୍ୟାଦି କେତେ ଯେ ଜିନିଷ । ଅଳ୍ପେ ବହୁତେ ଧୀରେନ୍ଦ୍ର ତାଙ୍କର ସବୁ ଅଳି ପୂରଣ କରିଥାନ୍ତି । ଏ ସବୁ ମୋ ଆଖି ଉଠିଲା ଦିନରୁ ଆଜି ପର୍ଯ୍ୟନ୍ତ ଦେଖି ଆସୁଛି । କ୍ୟାଲେଣ୍ଡରଟି ଆଡ଼ଉ ଆଡ଼ଉ ବ୍ରତର ତାରିଖ ଉପରେ ନଜର ପଡିଗଲା । ଏ ବର୍ଷ ସାବିତ୍ରୀ ବ୍ରତ ମଇ ୨୨ ତାରିଖରେ ପଡୁଛି । ମନଟା ଚାଲିଗଲା ପିଲା ବେଳର ସେଇ ଅଫେରା ଅତୀତକୁ ...।

ଆମ ଘରେ ପୂଜା ଆୟୋଜନ ହୁଏ । ଗାଁର ସମସ୍ତ ସଧବା ସ୍ତ୍ରୀ ଲୋକ, ଘର ପାଖ ମାଉସୀ, ନୂଆ ବାହା ହେଇ ଆସିଥିବା ଭାଉଜ, ଖରା ଛୁଟିରେ ବାପ ଘରକୁ ବୁଲି ଆସିଥିବା ଆମ ବଡ଼ ନାନୀ ମାନେ ମଧ୍ୟ ପୂଜାରେ ଯୋଗ ଦିଅନ୍ତି । ଶିଳ-ଶିଳପୁଆରେ ହଳଦୀ ବଟାହେଇ ମୋ ଜେଜେ ମା କେତେ ସୁନ୍ଦର ଭାବରେ ସ୍ୱର୍ଣ୍ଣାଦି ଅଳଙ୍କାର ଓ ଶାମୁକା ଲଗାଇ ସତ୍ୟବାନ ଓ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି ତିଆରି କରିଦିଏ । ନବ ବିବାହିତା ମାନେ ମଧ୍ୟ କାଠରେ ତିଆରି ଲକ୍ଷ୍ମୀ ନାରାୟଣ ପିତୁଳା ଆଣି ପୂଜା କରନ୍ତି । ପିତଳ ଥାଳି, ଫଳ ଟାଙ୍ଗୁଡ଼ିରେ ଭୋଗରାଗ ସବୁ ରଖିଦିଆଯାଏ । ସେ ପଟେ ଧୂପ, ଗୁଗ୍ଗୁଳ, ଝୁଣାର ବାସ୍ନାରେ ଚତୁର୍ଦ୍ଦିଗ ମହକିଯାଏ । ଶଙ୍ଖ, ହରିବୋଲ, ହୁଳହୁଳି ଦେଇ ଲିଙ୍ଗା ନନାଙ୍କ ତତ୍ତ୍ୱାବଧାନରେ ପୂଜା ଶେଷ ହୁଏ । ସତ୍ୟବାନ ସାବିତ୍ରୀଙ୍କ ଗାଥା ସମସ୍ତେ ମନଦେଇ ଶୁଣନ୍ତି । ଆମେ ବି ଛୋଟ ବେଳୁ ଶୁଣି ଶୁଣି ଆସିଛୁ । ସାବିତ୍ରୀ କଥା ଶେଷ ହେବା ବେଳକୁ ତାଙ୍କ ପ୍ରତି ଭକ୍ତି ସହସ୍ର ଗୁଣିତ ହୋଇଯାଇଥାଏ । ନିଜ ସ୍ୱାମୀଙ୍କୁ ଯମରାଜଙ୍କ କବଳରୁ ରକ୍ଷା କରିବା ପାଇଁ କେତେ ଯେ କଠିନ ପରୀକ୍ଷାର, ସମ୍ମୁଖୀନ କରିନାହାନ୍ତି ସେ । ଆମେ ତ ଅପେକ୍ଷା କରିଥାଉ । କେମିତି ପୂଜା ସରିବ ଓ ଆମେ ଭୋଗ ଖାଇବୁ । ସେ ଗଜାମୁଗ, ବତୁରା ସାଗୁରେ, ନଡ଼ିଆ କୋରା, ଚିନି,

ପାଚିଲା ପଣସ, ଆମ୍ବ ଓ ଅନ୍ୟାନ୍ୟ ଫଳ ମିଶେଇ ଯେଉଁ ଭୋଗଟି ଖାଇବାକୁ ମିଳେ ଓଃ ଭାରି ମନେ ପଡେ । କିନ୍ତୁ, ଏତେଦିନ ଭିତରେ ମୁଁ ସୁପ୍ରଭାଙ୍କୁ କେବେ ପୂଜାରେ ଅଂଶଗ୍ରହଣ କରିବାର ଦେଖିନି, ତାଙ୍କ ବଦଳରେ ତାଙ୍କ ପତ୍ନୀବ୍ରତା ପତି, ଧୀରେନ୍ଦ୍ର ତାଙ୍କ ନୂଆ ଶାଢ଼ୀ, ଫଳ ମୂଳ ସବୁ ଆଣି ପୂଜା ଆସ୍ଥାନ ପାଖରେ ଥୋଇଦେଇଯାନ୍ତି । ଗାଁ ମାଇପେ ତାଙ୍କୁ ଦେଖି ମୁଣ୍ଡ ଓଢଣୀକୁ ପାଟିରେ ଦେଇ ଖାଲି ପରସ୍ପରକୁ ଦେଖି ଚାପା ହସ ଦିଅନ୍ତି । ସିଏ ବା କରିବେ କ'ଣ ? ଦାଣ୍ଡ ପିଣ୍ଡାରେ ସେମିତି ଅପେକ୍ଷା କରି ବସିଥାନ୍ତି । ପୂଜା ସରିଲେ ଲିଙ୍ଗା ନନାଙ୍କୁ ୫୧ ଟଙ୍କା ଦକ୍ଷିଣା ଦେଇ ଭୂମିଷ୍ଠ ପ୍ରଣାମ କରନ୍ତି ଓ ନିଜ ସୁହାଗିନୀ ପତ୍ନୀଙ୍କର ଲମ୍ବା ଆୟୁଷ ଓ ନିରୋଗ ଜୀବନ କାମନା କରି ଆଣିଥିବା ସବୁ ନେଇ ଘରକୁ ଫେରନ୍ତି । ସାନ ଥିଲା ବେଳେ ମୁଁ ଏ ସବୁକୁ ଏତେ ଗୁରୁତ୍ୱ ଦେଇନି କି ମୁଣ୍ଡରେ ପୁରେଇନି । କିନ୍ତୁ, ବଡ଼ ହେଲା ପରେ ଦିନେ କାହାକୁ ପଚାରିବି ଭାବି ଏ ପ୍ରଶ୍ନଟି ମୋ ଜେଜେମାକୁ ପଚାରିଲି ଯେ, ସବୁ ସ୍ତ୍ରୀ ଲୋକ ପୂଜା କରିବାକୁ ଆସୁଥିବା ବେଳେ ସୁପ୍ରଭା କାହିଁକି କେବେ ଆସୁନାହାନ୍ତି । ସେ ମୋତେ କହିଲା, ତାର ଅସୁବିଧା ଅଛି । ମୁଁ କହିଲି ଏମିତି କି ଅସୁବିଧା ଯେଉଁଟା ପ୍ରତିବର୍ଷ ଠିକ୍ ସାବିତ୍ରୀ ସମୟରେ ହେଉଛି । ଜେଜେମା ମୋତେ ଭୁଲେଇବାକୁ ଚେଷ୍ଟା

କରୁଥିଲା, ମୁଁ ଦେଖିଲି ବୁଢ଼ୀ ଆଉ ଉତ୍ତର ଦେବନି । ନିଜେ ଯାଇ ନ ଦେଖିଲେ ହେବନି । ଗତବର୍ଷ ସାବିତ୍ରୀ ଦିନ ଧୀରେନ ପୂଜାସ୍ଥଳକୁ ଆସିବା ପରେ ମୁଁ ଓ ମୋ ସାଙ୍ଗ ନିଲୁ ଲୁଚି ଲୁଚି ତାଙ୍କ ଘର ପାଖରେ ଯାଇ ପହଁଞ୍ଚିଲୁ । ତାଙ୍କ ବୈଠକ ଘର ଝରକ ଫାଙ୍କ ଦେଇ ଦେଖିଲା ବେଳକୁ ନାଲି ମଖମଲି ଗାଉନ ପିନ୍ଧି ଗୋଟେ ଅଜବ କାଏଦାରେ ବସି ଚିକେନ୍ ପଲଉ ଖାଉଛନ୍ତି । କିଛି ସମୟ ପର୍ଯ୍ୟନ୍ତ ମୁଁ ଚିନ୍ତାରେ ପଡ଼ିଗଲି । ପରେ ଯାହା ଦେଖିଲି ଆପଣ ମାନେ ବୁଝିପାରୁଥିବେ ।

*****

ଗୁଡ଼ିଆନାଳୀ, ଢେଙ୍କାନାଳ

# ସିଗାରେଟ - ମୃତ୍ୟୁର ଅନ୍ୟନାମ



ରୋଜା ପଣ୍ଡା

ମୁଁ ଏକ ଧଳାରଙ୍ଗର ଅପ୍ରଶସ୍ତ ନଳାକାର ଜୀବନ ନେଲା ପରି ଭୟଙ୍କର ବସ୍ତୁ । ମୋର ଅନ୍ୟ ନାମ ମୃତ୍ୟୁ ମଧ୍ଯ କୁହାଯାଇପାରେ । ମୋର ପୂର୍ବପୁରୁଷଙ୍କ ନାମାନୁସାରେ "ସିଗାର" ନାମରେ ମୁଁ ପରିଚିତ ଥିଲି । ମୁଁ ପାଖାପାଖି ନବମ ଶତାବ୍ଦୀରେ ମେକ୍ସଇକୋ (Mexico) ଏବଂ ସେଣ୍ଟ୍ରାଲ ଆମେରିକାରେ ଦୃଶ୍ୟମାନ ହେଇଥିଲି ।

୧୮୩୦ ସୁଦ୍ଧା ମୁଁ ଫ୍ରାନ୍ସକୁ ଅତିକ୍ରମ କଲି । ଯେଉଁଠାରେ କି ମୋ ନାମ ରଖାଗଲା "ସିଗାରେଟ" । ନୂଆ ନାମ ପାଇଁ ମୁଁ ବହୁତ ଖୁସି ଥିଲି । ଏବଂ ୧୮୪୫ ରେ ସେହି ଫ୍ରାନ୍ସରେ ମତେ ଆଇନଗତ ଭାବରେ ନିର୍ମାଣ କରାଗଲା । ୧୮୪୭ ରେ ମେକ୍ସଇକୋର ଜୁଆନ ନେପୋମୁଲେନୋ ଆଡ଼ର୍ଣ୍ଣ (Juan Nepomuleno Adorno) ସର୍ବପ୍ରଥମେ ମୋ

ଉପରେ ବିକ୍ରି ସଂକ୍ରାନ୍ତ ଏକାଧିକାର ଘୋଷଣା ଦଲିଲ ବା ପେଟେଣ୍ଟ ଦାଖଲ କରିଥିଲେ ।

ଧୀରେ ଧୀରେ ମୋର ବ୍ୟବହାର ସାରା ପୃଥିବୀରେ ବ୍ୟାପିଗଲା । ମୃତ୍ୟୁର ଏକ ଭୟଙ୍କର ବସ୍ତୁ ଜାଣି ମଧ୍ୟ ପିଲା ଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ମତେ ବ୍ୟବହାର କଲେ । ଆଜି ମୁଁ ଘରେ ଘରେ ପରିଚିତ । ମୁଁ ଦିନକୁ ପ୍ରାୟ ୧୫ ବିଲୀୟନରୁ ଅଧିକା ବିକ୍ରି ହେଉଛି । ମୁଁ ରୋଗର ଗନ୍ତାଘର । ମୋ ଦ୍ୱାରା ମଣିଷକୁ ବହୁତ ବଡ଼ ବଡ଼ ବେମରି ହେଇଥାଏ । କ୍ୟାନ୍ସର ପରି ଭୟଙ୍କର ରୋଗର ମୁଖ୍ୟ କାରଣ ମୁଁ । ମୋ ଧୂଆଁ ଶ୍ୱାସନଳୀକୁ ବହୁତ କ୍ଷତି ପହଞ୍ଚାଏ । ମତେ ମଣିଷ ପ୍ରଥମେ ନିଜର ମନୋରଞ୍ଜନ ପାଇଁ ବ୍ୟବହାର କରେ । ମୋ ଦେହରେ ନିଆଁ ଲଗେଇ ଟାଣି ମଣିଷ ଖୁସିରେ ନିଜ ପାଟିରୁ ଧୂଆଁ ଛାଡେ । ସେଇ ମନୋରଞ୍ଜନ ଧୀରେ ଧୀରେ ଅଭ୍ୟାସରେ ପରିଣତ ହେଇଯାଏ । ଏବଂ ସେଇ ଅଭ୍ୟାସ ମଣିଷର ଘର ସଂସାର ଉଜାଡିଦିଏ । କିଛି ଲୋକ ନିଜର ମାନସିକ ଚିନ୍ତାରୁ ମୁକ୍ତି ପାଇବାପାଇଁ ମତେ ବ୍ୟବହାର କରନ୍ତି ହେଲେ ସେମାନେ ଏତେ ମୂର୍ଖ ଯେ କେବେହେଲେ ବୁଝିପାରନ୍ତିନି ଯେ ମୁଁ ପ୍ରକୃତରେ କାହାର ମାନସିକ ଚିନ୍ତା ଦୂର କରିପାରେନି ବରଂ ମତେ ବ୍ୟବହାର କରିବା ଦ୍ୱାରା ମଣିଷ ନିଜ ପରିବାର ଓ ନିଜର ସବୁଠାରୁ ଆପଣାର ଲୋକଙ୍କ ମାନସିକ ଚିନ୍ତା ବଢାଇଥାଏ ।

ମତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ଏଇ ମଣିଷ ନିଜେ ନିଜକୁ ବହୁତ ବୁଦ୍ଧିଆ, ଚାଲାକ ଆଉ ବିଶ୍ୱର ସବୁ ପ୍ରାଣୀଙ୍କଠାରୁ ଶ୍ରେଷ୍ଠ ମନେକରି ମଧ୍ୟ ବୋକାଙ୍କ ପରି ନିଜକୁ ନିଜେ ମୃତ୍ୟୁ ଆଡକୁ ଟାଣିନେଉଛି କେବଳ ମତେ ମାନେ ସିଗାରେଟକୁ ଆପଣେଇ । ମତେ ବ୍ୟବହାର କରୁଥିବା ଲୋକ ନିଜର ଯେତିକି କ୍ଷତି କରୁଛି, ନିଜ ଚତୁର୍ପାଶ୍ୱରେ ଥିବା ମଣିଷର ମଧ୍ୟ ଦୁଇଗୁଣା ଅଧିକା କ୍ଷତି କରୁଛି । କାରଣ ସେ ଟାଣୁଥିବା ସିଗାରେଟର ଧୂଆଁ ତା ପାଖରେ ଉପସ୍ଥିତ ଲୋକମାନଙ୍କ ଶରୀରକୁ ବହୁତ କ୍ଷତି କରିବା ସହିତ ତାର ନିଶ୍ୱାସ ପ୍ରଶ୍ୱାସ ନେବାରେ ବହୁତ ଅସୁବିଧା କରେ । ସର୍ବସାଧାରଣରେ ମତେ ବ୍ୟବହାର କରିବା ନିଷେଧ ଜାଣି ମଧ୍ୟ କିଛି ଅପାଠୁଆ, ମୂର୍ଖ ଅବିବେକୀ ଲୋକମାନେ ମତେ ସର୍ବସାଧାରଣରେ, ଅଫିସରେ, ଡାକ୍ତରଖାନାରେ, ଏପରିକି ଛୋଟ ଛୋଟ ପିଲାଙ୍କ ସାମ୍ନାରେ ମଧ୍ୟ ବିନା କିଛି ଦ୍ୱିଧାରେ ବ୍ୟବହାର କରି ବିନ୍ଦାସରେ ପାଟିରୁ ଧୂଆଁ ଛାଡ଼ନ୍ତି ।

ମତେ ବ୍ୟବହାର କରୁଥିବା ବ୍ୟକ୍ତି ପ୍ରକୃତରେ ସମାଜ ପାଇଁ ଗୋଟେ ଗୋଟେ କଳଙ୍କ । ସେମାନେ ପ୍ରତ୍ୟକ୍ଷ ଭାବେ ଓ ପରୋକ୍ଷ ଭାବେ ପରିବେଶକୁ ପ୍ରଦୂଷିତ କରୁଛନ୍ତି । ମୋ ଧୂଆଁ ଦ୍ୱାରା ସେମାନେ ବାୟୁମଣ୍ଡଳକୁ ଦୂଷିତ କରୁଛନ୍ତି । ମୋ ଦେହରେ ଥିବା ନିକୋଟିନ ବହୁତ କ୍ଷତିକାରକ ।

ମୁଁ ଯଦି ଏ ମଣିଷଙ୍କ ପରି ବୁଦ୍ଧିମାନ ଆଉ ମୁହଁ ଖୋଲି କିଛି କହିବାର ସାମର୍ଥ୍ୟ ପାଇଥାନ୍ତି ତେବେ ନିଶ୍ଚିନ୍ତ ଭାବେ ମତେ ବ୍ୟବହାର କରିବାକୁ ରୋକିଥାନ୍ତି । ମୂର୍ଖ ମଣିଷ ବୁଝିପାରୁନି ଯେ ମୁଁ ମୃତ୍ୟୁର କାରଣ । କିଛି ଲୋକ ତ ମତେ କିଣିବାକୁ ନିଜ ପିଲା ଆଉ ସ୍ତ୍ରୀଙ୍କୁ ଭୋକ ଉପାସରେ ରଖୁଛନ୍ତି । ମୁଁ ନିରୁପାୟ । ତାହିଁଲେ ବି ଏ ମଣିଷ ସମାଜକୁ ରୋକିପାରୁନି । ଧୀରେ ଧୀରେ ମୋ ନିଶା ପିଲା ଠୁ ବୁଢା ଯାଏ ସମସ୍ତଙ୍କୁ ବ୍ୟାପିଗଲାଣି । ମୋ ପାଖରେ ଯଦି ମଣିଷ ପରି ଶକ୍ତି ଥାନ୍ତା ତେବେ ମୁଁ ମୋର ନିର୍ମାଣ ହେଉଥିବା ସବୁ ଫ୍ୟାକ୍ଟ୍ରି ବନ୍ଦ କରିଦିଅନ୍ତି ।

ଯେଉଁ ମହାନ ବ୍ୟକ୍ତି ମତେ ପରିତ୍ୟାଗ କରୁଛନ୍ତି ମୁଁ ସେମାନଙ୍କୁ ସାଦରେ ପ୍ରଣାମ କରୁଛି । ପ୍ରକୃତରେ ସେମାନେ ନିଜ ପରିବାର ଆଉ ଅତ୍ମୀୟ ସ୍ୱଜନଙ୍କୁ ବହୁତ ଭଲ ପାଆନ୍ତି କେବଳ ସେଇଥିପାଇଁ ତ ସେମାନେ ମତେ ବର୍ଜନ କରି ନିଜ ପରିବାରଙ୍କ ଚିନ୍ତା ଦୂର କରୁଛନ୍ତି ।

ମୁଁ ଏମିତି ଏକ ବସ୍ତୁ ଯାହା ମଣିଷକୁ ଧୀରେ ଧୀରେ ଛଟପଟ କରି ମୃତ୍ୟୁର ଦ୍ୱାରଦେଶକୁ ଠେଲିଦିଏ । ମୋ ନିଶା ଯାହାକୁ ଥରେ ଲାଗେ ଛାଡ଼ିବାକୁ ବହୁତ କଷ୍ଟ ହୁଏ । ତେଣୁ ମୁଁ ଏ ମଣିଷ ସମାଜକୁ ହାତ ଯୋଡ଼ି ଅନୁରୋଧ କରୁଛି ଯେ ମତେ ଦୟାକରି ବର୍ଜନ କର ।

ମୋ ଦେହରେ ଯେତେବେଳେ ଏ ମଣିଷ ନିଆଁ ଲଗାଇ ମତେ ପାଟିରେ ରଖି ଧୂଆଁ ଛାଡେ ମତେ ବହୁତ କଷ୍ଟ ହୁଏ । କହିଲ ଦେଖି କାହା ଦେହରେ ନିଆଁ ଲଗେଇଦେଲେ କ'ଣ ତାକୁ କଷ୍ଟ ହୁଏନି । ହେଲେ ମତେ ସବୁଠୁ ଅଧିକା କଷ୍ଟ ହୁଏ ଯେତେବେଳେ ମଣିଷ ଜାଣିଜାଣି ମୋ ଦ୍ୱାରା ଅସୁବିଧାରେ ପଡେ । ମୁଁ ନିଜକୁ ନିଜେ ନଷ୍ଟ କରି ପାରିବିନି କାରଣ ମୁଁ ନିର୍ଜୀବ । କେବଳ ମଣିଷ ଚାହିଁଲେ ମତେ ତ୍ୟାଗ କରି ନିଜେ ଖୁସିରେ ରହିପାରିବ । ତେଣୁ ହେ ମଣିଷ ସମାଜ ଦୟାକରି ମତେ ବର୍ଜନ କର । ନିଜକୁ ଦେଖ । ନିଜ ଆତ୍ମାକୁ ଚିହ୍ନ । ନିଜ ଜୀବନକୁ ସୁରକ୍ଷା ଦିଅ । ତା ନହେଲେ ଦିନେ ମୋ ଧୂଆଁ ତୁମ ଶ୍ୱାସନଳୀକୁ ଜୀର୍ଣ୍ଣ ଶୀର୍ଣ୍ଣ କରିଦେବ । ତୁମ ଫୁସଫୁସକୁ ନଷ୍ଟଭ୍ରଷ୍ଟ କରିଦେବ । ତୁମେ ନିଶ୍ୱାସ ଟିକେ ପାଇଁ ଛଟପଟ ହେବ । ତୁମ ଦେହରେ ମୁଁ ସେତେବେଳେ ଭୟଙ୍କର କ୍ୟାନ୍ସରର ରୂପ ନେଇସାରିଥିବି । ତୁମେ ଆଉ ରକ୍ଷା ପାଇପାରିବନି । ସେଥିପାଇଁ ଏବେଠୁ ସତର୍କ ହୁଅ । ମୋ ଠାରୁ ଦୂରେଇ ଯାଅ । ଅନ୍ୟମାନଙ୍କୁ ବି ମୋ ଠାରୁ ଦୂରେଇ ରଖ । ମତେ ଯେତେ ଶୀଘ୍ର ସମ୍ଭବ ଏ ପୃଥିବୀପୃଷ୍ଠରୁ ବିଦାୟ ଦିଅ । ଏତିକି କାମନା ମୋର ମଣିଷ ସମାଜ ନିକଟରେ ।

*****

ମଧୁପାଟଣା, କଟକ

# ଦେଇ ଥିଲେ ପାଇ



ପବିତ୍ର ବେହେରା

ଦୁଇ ଭାଇ ଗରୀବ ବ୍ରାହ୍ମଣ ରହୁଥିଲେ । ବଡ଼ ଭାଇଙ୍କ ନାମ ରାମ ଓ ସାନ ଭାଇଙ୍କ ନାମ ଲକ୍ଷ୍ମଣ । ସେମାନେ ମୂଲ ମଜୁରି କରି ଚଳନ୍ତି । ଦିନେ ସେମାନେ ଜଙ୍ଗଲ ବାଟେ ଦେଇ କାର୍ଯ୍ୟ କରିବା ପାଇଁ ଯାଉଥାନ୍ତି । ସେମାନେ ପାଞ୍ଚଶହ ଟଙ୍କା ପାଇଲେ । ସେମାନଙ୍କୁ ଖୁସିରେ ବୁଦ୍ଧି ବାଟ କିଛି ଦେଖା ଯାଉନଥାଏ । ସେ ସମୟରେ ପାଞ୍ଚଶହ ଟଙ୍କା ବହୁତ । ସେମାନେ ସେଇ ଟଙ୍କାରେ ସବୁ ଘର ପାଇଁ ସାମଗ୍ରୀ ଓ ଖାଦ୍ୟ ଆଣିଲେ । କଥାରେ ଅଛି ବସି ଖାଇଲେ ନଈ ବାଲି ବି ସରେ । ସେମାନେ କିଛି କାମ କଲେ ନାହିଁ । ସେଇ ଟଙ୍କାରେ ଦୁଇ ମାସ ଚଳିଗଲେ । ତା ପରେ ସେମାନେ କାମକୁ ବାହାରିଲେ । ବଡ଼ ଭାଇ ସାନ ଭାଇଙ୍କୁ କାମ କରି ପାରୁନୁ କହି ଚିଡୁଥାଏ । ବଡ଼ ଭାଇ ଗୋଟିଏ ସହର ବାଟ ଦେଇ ଗଲେ ଏବଂ ସାନ ଭାଇ

ଜଙ୍ଗଲ ବାଟେ କିଛି ଖାଦ୍ୟ ଓ ଜଳ ଧରି ଚାଲିଲେ । ସାନ ଭାଇ ଲକ୍ଷ୍ମଣ ଜଙ୍ଗଲ ବାଟେ ଯାଉ ଥିବା ବେଳେ ଦେଖିଲେ ଗୋଟିଏ ବୃଦ୍ଧ ଲୋକଟିଏ ଶୋଇଛନ୍ତି । ସେ ଭାରି ଭୋକିଲା ଦେଖା ଯାଉଥିଲେ ଓ ପାଣି ପାଣି ମୁହଁରେ ଉଚ୍ଚାରଣ କରୁଥିଲେ । ଲକ୍ଷ୍ମଣ ବୃଦ୍ଧ ଲୋକଟିକୁ ପାଣି ପିଇବା ପାଇଁ ଦେଲେ । ରଖିଥିବା ଖାଦ୍ୟରୁ କିଛି ମଧ ଖାଇବାକୁ ଦେଲେ । ଲୋକଟି ଖୁସି ହୋଇ ଆଶୀର୍ବାଦ ଦେଲେ ଓ ଧନ୍ୟବାଦ ଅର୍ପଣ କଲେ । ଲକ୍ଷ୍ମଣ ଆଗକୁ ଚାଲିଲେ ।

ବାଟରେ ଯାଉ ଯାଉ ହଠାତ୍ ଏକ ଶବ୍ଦ ଶୁଣିବାକୁ ପାଇଲେ । ଲକ୍ଷ୍ମଣ ଶବ୍ଦ ଆସୁଥିବା ଦିଗକୁ ଚାଲିଲେ । ସେ ଦେଖିଲେ କେହି ଜଣେ କୂଅ ଭିତରେ ପଡିଛନ୍ତି । ସେ ବିପଦରେ ପଡି ବଞ୍ଚାଇବା ପାଇଁ ଡାକୁଛନ୍ତି । ଲକ୍ଷ୍ମଣକୁ ପ୍ରଚୁର ଭୋକ ହେଉଥାଏ । ସେ ନିଶ୍ଚିତ ଭାବରେ ଲୋକଟିକୁ ଉଦ୍ଧାର କରିବେ ବୋଲି କହିଲେ । ଲକ୍ଷ୍ମଣ ନିକଟରେ ଥିବା ଏକ ବରଗଛର ଲୋଟାକୁ ଧରି କୂଅ ଭିତରକୁ ଗଲେ ଏବଂ ବହୁତ କଷ୍ଟରେ ଲୋକଟିକୁ କୂଅରୁ ବାହାର କଲେ । ଲୋକଟିର ବହୁତ କ୍ଷତ ହୋଇଥାଏ, ଲକ୍ଷ୍ମଣ ତାଙ୍କ ଗାମୁଛା ଚିରି ଲୋକଟିର କ୍ଷତ ସ୍ଥାନରେ ବାନ୍ଧି ଦେଲେ । ଲୋକଟି ଲକ୍ଷ୍ମଣକୁ ଜୀବନ ବଞ୍ଚାଇଥିବାରୁ ଧନ୍ୟବାଦ ଅର୍ପଣ କଲେ । ଲୋକଟି ଲକ୍ଷ୍ମଣକୁ ତୁମେ କିଏ ଓ ଏଇ ଜଙ୍ଗଲ ଭିତରେ କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଲକ୍ଷ୍ମଣ କହିଲେ ମୁଁ କାମ ଖୋଜିବାକୁ ଯାଉଥିଲି ଏଇ ବାଟଦେଇ ।

ମୁଁ ଗରିବ ଲୋକଟିଏ । ଆମେ ଦୁଇଭାଇ, ବଡ଼ ଭାଇ ସହରକୁ କିଛି କାମ ଖୋଜିବାକୁ ଯାଇଛନ୍ତି । କିନ୍ତୁ ଆପଣ କିଏ ? ଲୋକ ଜଣକ କହିଲେ, ମୁଁ ଏ ରାଜ୍ୟର ରାଜା ପ୍ରଦ୍ୟୁମ୍ନ । ମୁଁ ତୁମକୁ ଏଇ ସୁନାର ହାର ଦେଉଛି ଏବଂ ତୁମକୁ ଆଉ କୌଣସି କାମ ଖୋଜିବାକୁ ପଡ଼ିବ ନାହିଁ । ତୁମେ କାଲିଠାରୁ ମୋ ରାଜ୍ୟର ମନ୍ତ୍ରୀ ଭାବେ ନିଯୁକ୍ତ ହେବ । ଲକ୍ଷ୍ମଣ ଏହା ଶୁଣି ବହୁତ ଖୁସି ହୋଇଗଲା । ସେ ଘରକୁ ଆସିଲେ ।

ତେଣୁ କଥାରେ 'ଅଛି ଦେଇଥିଲେ ପାଇ ବୁଣିଥିଲେ ଦାଇ', ତେଣୁ ଯଦି ଆମେ ଅନ୍ୟର ମଙ୍ଗଳ କରିବା ତେବେ ଆମକୁ ନିଶ୍ଚୟ କେହି ନା କେହି ସାହାଯ୍ୟ କରିବାକୁ ଆଗେଇ ଆସିବେ ।

*****

ବକ୍ସି ବଜାର,
ରେଢ଼ାଖୋଲ,
ସମ୍ବଲପୁର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ମଇ - ୨୦୨୦ ସଂସ୍କରଣ । ଏହି ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana e-Store

*The Ultimate Bookshop*

https://store.preranaodia.com/